


୧।୧୦।୨୦୨୪

| | |
|---|---|
| ୩,୯୪,୦୭୩ ଟଙ୍କା | |
| ସୁନା | ୨୮.୦୫୦ ଗ୍ରାମ୍ |
| ରୁପା | ୮୪୩.୯୦୦ ଗ୍ରାମ୍ |

# ବୈଠକରେ ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାଥମିକତା

**ବିଧାନସଭା ଷ୍ଟାଣ୍ଡିଂ କମିଟି ଓ ଶ୍ରୀମନ୍ଦିର ପ୍ରଶାସନର ଆଲୋଚନା**

ପୁରୀ, ୧।୧୦ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ତଥା ବିଭିନ୍ନ ବିଷୟକୁ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ, ଏସପି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, କମିଟିର ସଦସ୍ୟ, ପୁରୀ ଓ ପିପିଲି ବିଧାୟକ ଉପସ୍ଥିତ ରହିଥିଲେ। ଶ୍ରୀମନ୍ଦିରରେ ଅଧିକ ଜଗନ୍ନାଥ ଟେମ୍ପୁଲ୍ ପୋଲିସ (ଜେଟିପି) ଏବଂ ସ୍ୱତନ୍ତ୍ର ବାଟାଲିୟନ ଫୋର୍ସ ନିଯୁକ୍ତି ଓ ଡ୍ରୋନ୍ ଉଡ଼ାଣ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ମୁଖ୍ୟପ୍ରଶାସକଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା କିଭଳି ଆହୁରି ମଜଭୁତ ହୋଇପାରିବ ସେନେଇ ଷ୍ଟାଣ୍ଡିଂ କମିଟି ଗୁରୁତ୍ୱାରୋପ କରିଛି। ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ଭିତର ଓ ବାହାର ଷ୍ଟ୍ରକ୍ଚରର ସୁରକ୍ଷା ପାଇଁ ଏଏସଆଇ କାର୍ଯ୍ୟକୁ ବୈଠକରେ ବେଶ୍ ପ୍ରଶଂସା କରାଯାଇଛି। କମିଟି ଅଧ୍ୟକ୍ଷ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ବୈଠକରେ ଶ୍ରୀମନ୍ଦିରର ବିଭିନ୍ନ ଦିଗ ବିଶେଷ କରି ଶ୍ରୀମନ୍ଦିରର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ତେବେ ବିଗତ ଦିନ ହେଉ ଅବା ବର୍ତ୍ତମାନ ଶ୍ରୀମନ୍ଦିରର ସୁରକ୍ଷା ପ୍ରତି ଏଏସଆଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ସନ୍ତୋଷ ଜନକ ଅଟେ। ଶ୍ରୀମନ୍ଦିରର ସୁରକ୍ଷା ସମସ୍ତଙ୍କ ଆସ୍ଥା ସହ ଜଡ଼ିତ। ତେଣୁ ଏହାପ୍ରତି ତ୍ରୁଟି ବିଚ୍ୟୁତିକୁ ଗ୍ରହଣ କରାଯିବ ନାହିଁ। ସୁରକ୍ଷା ନେଇ ଜେଟିପି ମୁତୟନ ସହ ସ୍ୱତନ୍ତ୍ର ବାଟାଲିୟନ ନିଯୁକ୍ତି, ଡ୍ରୋନ ଉଡାଣ ନେଇ ଆଲୋଚନା କରାଯାଇଛି। ସରକାର ଶ୍ରୀମନ୍ଦିରକୁ ନେଇ ସମ୍ବେଦନଶୀଳ ରହିଛନ୍ତି। ପୁରୀ ଏକ ଆଧ୍ୟାତ୍ମିକ ସ୍ଥାନ, ଏଠାରେ ହିଂସାର ସ୍ଥାନ ନାହିଁ। ସମସ୍ତେ ସଚେତନ ହେବା ଆବଶ୍ୟକ। ସେହିପରି ଶ୍ରୀମନ୍ଦିରକୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି କମିଟିର ସଦସ୍ୟ ତଥା କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ଆଉ କିଛି ବ୍ୟବସ୍ଥାର ଆବଶ୍ୟକ ରହିଥିବା କହିଛନ୍ତି। ଯାହାବି ସମସ୍ୟା ରହିଛି ତାହାର ଅନୁଧ୍ୟାନ କରାଯାଇଛି। କମିଟି ଏନେଇ ସୂଚନା ଦେବ। ପରେ ରାଜ୍ୟ ସରକାର ଓ ଜିଲାପ୍ରଶାସନ ଆଲୋଚନା କରି ଏହାର ବ୍ୟବସ୍ଥା କରିବେ ବୋଲି ବାହିନିପତି କହିଛନ୍ତି। ବୈଠକ ପରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ।


ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ କମିଟି ଅଧ୍ୟକ୍ଷ, ସଦସ୍ୟ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

## ଆନେମିଆ ମୁକ୍ତ ଭାରତ ଅଭିଯାନ

ପୁରୀ,୧।୧୦(ଅଜିତ୍ କୁମାର ମହାନ୍ତି)

ଭାରତ ବିକାଶ ପରିଷଦ, ଜଗନ୍ନାଥ ଧାମ ଶାଖା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରରେ ଆନେମିଆ ମୁକ୍ତ ଭାରତ ଅନ୍ତର୍ଗତ ରକ୍ତହୀନତା ପରୀକ୍ଷଣ ଏବଂ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଆୟୁଷ ମନ୍ତ୍ରଣାଳୟର ଡ. ନାରାୟଣ ଚନ୍ଦ୍ର ଦାସ ଛାତ୍ରୀଛାତ୍ରମାନେ ତାଙ୍କର ଦିନଚର୍ଯ୍ୟା, ଋତୁଚର୍ଯ୍ୟା ଠିକ୍ ଭାବେ ମାନିଲେ ସୁସ୍ଥ ଜୀବନଯାପନ ପାଇଁ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ନିଦାନ ଏ ପାଥୋଲବ୍ ଦ୍ୱାରା ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନିଶୁଳ୍କ ପରୀକ୍ଷା କରାଯାଇଥିଲା। ଅତିଥି ରୂପେ କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ମହିଳା ବାଲ୍ ବିକାଶ ସଚିବ ସୁପ୍ରିତି ରଥ, ପ୍ରାନ୍ତୀୟ ମହାସଚିବ ସୌମେନ୍ଦ୍ର ଦାସ ଯୋଗଦେଇ ଭାରତ ବିକାଶ ପରିଷଦର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ରାଜକିଶୋର ପାତ୍ର ଯୋଗଦେଇଥିଲେ। ଜଗନ୍ନାଥଧାମ ଶାଖାର ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରୀରାମଚନ୍ଦ୍ର ଦଳାଇ, ମମତା ପାତ୍ର, ଅଧ୍ୟାପକ ଉର୍ମିଳା ସ୍ୱାଇଁ, ଅବନୀ ଦେ, ମଣିରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୀ ଏସ୍‌ପିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପୁରୀ, ୧।୧୦(ଅଜିତ୍ ମହାନ୍ତି)

ପୁରୀ ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ପିନାକ ମିଶ୍ରଙ୍କୁ ଭୁବନେଶ୍ୱର ଡିସିପି ଭାବରେ ନିଯୁକ୍ତ କରାଯାଇଛି। ମିଶ୍ର ପୁରୀରେ ଏସ୍‌ପି ଭାବରେ କାର୍ଯ୍ୟ କରୁଥିବା ସମୟରେ ଅନେକ କିଛି ପରିବର୍ତ୍ତନ ପୁରୀରେ ଆଣିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏସ୍‌ପି ପିନାକ ମିଶ୍ରଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁରୀ ରିଜର୍ଭ ଗ୍ରାଉଣ୍ଡଠାରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିକାନ ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନ, ରାଜସ୍ୱ ଏବଂ ପ୍ରୋଟକଲ ଦାୟିତ୍ୱରେ ଥିବା ତିନି ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ, ପୌରନିର୍ବାହୀ ଅଧିକାରୀ, ଅତିରିକ୍ତ ଏସ୍‌ପିଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ, ଜିଲା ପ୍ରଶାସନର ଅଧିକାରୀମାନେ ଯୋଗଦାନ କରି ପୁରୀ ଏସ୍‌ପି ଭାବରେ ଶ୍ରୀ ମିଶ୍ରଙ୍କ ପୁରୀରେ କରିଥିବା କାର୍ଯ୍ୟ ସମ୍ପର୍କରେ କହିବା ସହ ତାଙ୍କ ସହ କଟାଇଥିବା ପ୍ରତିଟି ମୁହୂର୍ତ୍ତ ଏକ ସ୍ମରଣୀୟ ବୋଲି କହିଥିଲେ। ସେହିପରି ମିଶ୍ର କାର୍ଯ୍ୟକାଳ ସମୟରେ ବିଭିନ୍ନ ସମୟରେ ଗଣମାଧ୍ୟମକୁ ସହଯୋଗ ଜଣାଇଥିବାରୁ ପୁରୀର ଖବରଦାତାଙ୍କ ପକ୍ଷରୁ ତାଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପ୍ରମାଣକୁ ଅବିଶ୍ୱସନୀୟ ବୋଲି ଦର୍ଶାଇଲେ ପୋକ୍‌ସୋ ଅଦାଲତ ନିର୍ଦ୍ଦୋଷରେ ଖଲାସ ହେଲେ ଯୁବକ

ପୁରୀ,୧।୧୦(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୮ ବର୍ଷର ମାମଲାର ଅନ୍ତ ଘଟିଛି। ପ୍ରମାଣ ଅଭାବରୁ ପୁରୀ ପୋକ୍‌ସୋ କୋର୍ଟ ବିଚାରପତି ନିକଟରେ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରମାଣକୁ ଅବିଶ୍ୱସନୀୟ ବୋଲି ଦର୍ଶାଇ ଅଦାଲତ ବଳାତ୍କାର ଅଭିଯୋଗରୁ ଦୋଷମୁକ୍ତ କରିଛନ୍ତି। ପ୍ରକାଶ ଯେ, ନାବାଳିକା ଝିଅଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଶାରୀରିକ ସମ୍ପର୍କ ରଖିଥିବା ନେଇ ୨୦୧୬ ଅକ୍ଟୋବର ୬ରେ ଜଣେ ମହିଳା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ପରେ ପୁରୀ ପୋକ୍‌ସୋ ଅଦାଲତର ବିଚାରପତି ମାମଲାର ବିଚାରକରି ତଥ୍ୟ ଓ ପ୍ରମାଣ ଅଭାବରୁ ୨୮ ବର୍ଷୀୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ ସରକାରୀ ଓକିଲ (ଏପିପି) ବାହନ ପରିଡ଼ା ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ଦେବଦତ୍ତ କାନୁନଗୋ ମାମଲା ଲଢୁଥିଲେ।

### ସ୍ୱଚ୍ଛ ଭାରତ ମିଶନ ସମୁଦ୍ର ବେଳାଭୂମି ସଫେଇ

ପୁରୀ,୧।୧୦(ଅଜିତ୍ କୁମାର ମହାନ୍ତି)

ସ୍ୱଚ୍ଛ ଭାରତ ମିଶନ ଅଧୀନ ସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ମଙ୍ଗଳବାର ମଦର୍ସ ପବ୍ଲିକ ସ୍କୁଲ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ରହି ବେଳାଭୂମି ସଫେଇ କରିଥିଲେ। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍କୁଲ ଅଧ୍ୟକ୍ଷା ସଗୁପ୍ତା ପରବିନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ଉପସ୍ଥିତ ରହି ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେଠାରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା।

## ଜୁଆର ମାଡ଼ରେ ଧସିଲାଣି ରାସ୍ତା, ପୁରୀ-କୋଣାର୍କ ବିଚ୍ଛିନ୍ନ ଆଶଙ୍କା


ସମୁଦ୍ର ଜୁଆର ମାଡରେ ଧସି ପଡିଥିବା ରାମଚଣ୍ଡୀ ମୁହାଣ ରାସ୍ତାପାର୍ଶ୍ୱ ।

କୋଣାର୍କ,୧।୧୦(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଇକୋ-ରିଟ୍ରିଟ ୨ ମାସ ପରେ ଆରମ୍ଭ ହେବ। ଏହା ପୂର୍ବରୁ ସମୁଦ୍ର ଉଚ୍ଚ ଜୁଆର ମାଡ଼ରେ ପୁରୀ-କୋଣାର୍କ ବେଳାମାର୍ଗ ଇକୋ-ରିଟ୍ରିଟ ରାସ୍ତା ଅଧା ଧସିଗଲାଣି। ଫଳରେ ପୁରୀ-କୋଣାର୍କ ବିଚ୍ଛିନ୍ନ ହେବା ଆଶଙ୍କା ଦେଖାଦେଇଛି। ଲଘୁଚାପ ପ୍ରଭାବରେ ସମୁଦ୍ର କୂଳ ଲଙ୍ଘୁଥିବାରୁ ରାମଚଣ୍ଡୀ ମୁହାଣ ନିକଟ ୩ କି.ମି. ରାସ୍ତାକୁ ସମୁଦ୍ର ଧୋଇନେବ। ସମୁଦ୍ର ଅଶାନ୍ତ ହୋଇ କୂଳ ଲଙ୍ଘିବା ସହିତ ମୁଖ୍ୟରାସ୍ତା ପାର୍ଶ୍ୱକୁ ଚାଲିଆସୁଛି। ରାସ୍ତା ପାର୍ଶ୍ୱରେ ନିର୍ମାଣ ହୋଇଥିବା ସୁରକ୍ଷା ବାଡ଼ ଧୋଇଗଲାଣି। ଗତ ୨ ବର୍ଷ ହେଲା କୋଣାର୍କ ଇକୋ-ରିଟ୍ରିଟ ସମୟରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ହେଲେ ଏହାର ସ୍ଥାୟୀ ମରାମତି ହେଉନାହିଁ। ଇକୋ-ରିଟ୍ରିଟ ନିକଟରେ ପାର୍କିଂସ୍ଥଳ ନ ଥାଇ ବେଆଇନ ଯାନବାହନ ପାର୍କିଂ କରୁଛି। ପର୍ଯ୍ୟଟକଙ୍କୁ ନେଇ ଆସୁଥିବା ବସ୍, କାର୍, ଅଟୋ ରାସ୍ତା ଦୁଇ ପାର୍ଶ୍ୱରେ ପାର୍କିଂ ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଉଠା ବ୍ୟବସାୟୀମାନେ ବେଳାଭୂମି ପରିବେଶ ପ୍ରଦୂଷିତ କରିବାରେ ଲାଗିଛନ୍ତି। ଚନ୍ଦ୍ରଭାଗାରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ଜିଓ ସିନ୍ଥେଟିକ ୱାଲ ତଥା ସୁରକ୍ଷା ପାଚେରିର ନିର୍ମାଣ ପାଇଁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ଶ୍ରୀଜଗନ୍ନାଥାୟନରେ ଶ୍ରୀଜଗନ୍ନାଥ

ପୁରୀ,୧।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବିଶ୍ୱାସ ଓ ଆସ୍ଥାର ପ୍ରତୀକ। ସେବା-ସମର୍ପଣ ଭାବରେ ସେ ଭକ୍ତ ପାଖରେ ବନ୍ଧା। ଦାସିଆ ବାଉରୀଠାରୁ ବନ୍ଧୁ ମହାନ୍ତି ସମସ୍ତଙ୍କ ପାଇଁ ସେ ଭାବର ଠାକୁର। ଏଣୁ ଏକ ଶୃଙ୍ଖଳିତ ସମାଜ ଓ ଆଧ୍ୟାତ୍ମିକ ସଂସ୍କାର ପାଇଁ ଆସନ୍ତୁ ସମସ୍ତେ ଶ୍ରୀଜଗନ୍ନାଥ ଚେତନାରେ ଉଦ୍‌ବୁଦ୍ଧ ହେବା ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ତଥା ଗୀତିକାର ବଦ୍ରି ମିଶ୍ର। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଚକ୍ରଧର ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରସନ୍ନ ମିଶ୍ର, ସମ୍ମାନିତ ଅତିଥି ଭାବେ ହେମନ୍ତ ଛୋଟରାୟ ଓ ନିର୍ଦ୍ଦେଶକ ବିକ୍ରମ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପରେ ପରେ ଶ୍ରୀବତ୍ସ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଇନ୍ଦ୍ରଧନୁ ଥିଏଟର ଜାଆଁଳା-ଖୋର୍ଦ୍ଧା ଅନୁଷ୍ଠାନ ପକ୍ଷରୁ ନାଟକ ଶ୍ରୀଜଗନ୍ନାଥ ପରିବେଷଣ କରାଯାଇଥିଲା। ଗୋପାଳ ଛୋଟରାୟଙ୍କ ରଚିତ ଏହି ନାଟକରେ ବିନୟ ମହାନ୍ତି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ବିଶିଷ୍ଟ ଯୁବ ନିର୍ଦ୍ଦେଶକ ଗୋବିନ୍ଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିବିରରେ ୯୬ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତଦାନ କରାଯାଉଛି ।

ପୁରୀ,୧।୧୦(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ସ୍ୱେଚ୍ଛାକୃତ ରକ୍ତ ଦାନ ଦିବସ ଅବସରରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଆପଣଙ୍କ ସେବାରେ' ଓ ଓଡିଶା ରକ୍ତ କେନ୍ଦ୍ର, ପୁରୀ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସଦ୍‌ଭାବନା ଗୃହରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ମହତ୍ ଦାନ ଏହି ମର୍ମକୁ ଉପଲବ୍ଧି କରି ଅନୁଷ୍ଠାନର ସଦସ୍ୟ ଓ ସହଯୋଗୀମାନେ ରକ୍ତଦାନ କରିଥିଲେ। ଏଥିରେ ମୋଟ ୯୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜିଲା ଚିକିତ୍ସା ଅଧିକାରୀ ରୁପଭାନୁ ମିଶ୍ର, ବିଇଓ ଦୀପକ ସାହୁ, ରକ୍ତ କେନ୍ଦ୍ର କାଉନସିଲର ପ୍ରୀତିରଞ୍ଜନ ନାୟକ, ବରିଷ୍ଠ ମାର୍ଗଦର୍ଶକ ମନୋଜ ରଥ, ରାଜ୍ୟ ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ, ଉପସଭାପତି ବିଜୟକୃଷ୍ଣ ବ୍ରହ୍ମା, ପୁରୀ ଶାଖା ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର, ରାଜ୍ୟ ମୁଖପାତ୍ର ଓ ଗଣମାଧ୍ୟମ ପ୍ରଭାରୀ ଜଗଦୀଶ ପ୍ରଧାନ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## 'ବରିଷ୍ଠ ନାଗରିକଙ୍କୁ ସମ୍ମାନ, ସୁରକ୍ଷା ଦେବା ଆମ କର୍ତ୍ତବ୍ୟ'

ପୁରୀ, ୧।୧୦(ଅଜିତ କୁମାର ମହାନ୍ତି)

ବରିଷ୍ଠ ନାଗରିକମାନେ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ସେମାନଙ୍କ ଅଭିଜ୍ଞତା ଓ ଅନୁଭବ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଛନ୍ତି। ମଙ୍ଗଳବାର ପୁରୀ ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ୟୁଥ୍ ହଷ୍ଟେଲଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସେଠୀ ଯୋଗଦେଇ କହିଛନ୍ତି, ବରିଷ୍ଠ ନାଗରିକଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦି କରାଯାଇଛି। ଆଉ ଯାହା ସମସ୍ୟା ସେମାନେ ଉପସ୍ଥାପନ କରିଛନ୍ତି ତାହା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯାଇ ପାରିବ ବୋଲି ସେ କହିଥିଲେ। ବରିଷ୍ଠ ନାଗରିକମାନେ ନିଜ ଜୀବନଶୈଳୀରେ ପରିବର୍ତ୍ତନ ସହ ଯୋଗ, ସକାଳୁ ଚାଲିବା ସହ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିଲେ ସୁସ୍ଥ ଓ ନୀରୋଗ ରହିପାରିବେ ବୋଲି ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର କହିଥିଲେ। ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କରେ ଉଚିତ ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଥିଲେ। ଜେରିଆଟିକ ବିଶେଷଜ୍ଞ ଶୁଭ୍ରଦୀପ ସ୍ୱାଇଁ ବରିଷ୍ଠ ନାଗରିକ ସୁସ୍ଥ ରହିବାର ବିଭିନ୍ନ କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ।

ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସମାଜ କଲ୍ୟାଣ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଯୋଗଦେଇ ବୟସ୍କଙ୍କ ଅଭିଜ୍ଞତା ଓ ବରିଷ୍ଠତା ସମାଜ ପାଇଁ ଅନେକ ଉପକାରରେ ଲାଗିଥାଏ। ବୟସ୍କମାନଙ୍କ ନିମନ୍ତେ ସରକାର ଯେଉଁ ଯୋଜନା କରିଛନ୍ତି, ତାହାର ସୁଫଳ ପାଇବା ପାଇଁ ସେମାନେ ସଚେତନ ହେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସନ୍ତୋଷ କୁମାର ମହାନ୍ତି, ଡ. କାର୍ତ୍ତିକ ଦାଶ, ଗୁଣ୍ଡିଚା ବରାଳ, ଦେବେନ୍ଦ୍ର ଦାଶ, ଅଭିମନ୍ୟୁ ଗୁରୁ, ପ୍ରଫୁଲ୍ଲ ମିଶ୍ର, ରମେଶ ଚନ୍ଦ୍ର ମହାପାତ୍ର, ଅରବିନ୍ଦ ଶତପଥୀ, ହରିହର ସାହୁ ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟସେବା ଶିବିର ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ମଞ୍ଚାସୀନ ଅତିଥି ।

## ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା

**୪୫ତମ କୁମାର ଉତ୍ସବ ଉପଲକ୍ଷେ**

ପୁରୀ,୧।୧୦(ଅଜିତ୍ କୁମାର ମହାନ୍ତି)

ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଚଳିତ ମାସ ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ୪୫ତମ କୁମାର ଉତ୍ସବ ପାଳନ ହେବ । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କ ସହ ବଲିଉଡ୍‌ର ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ପୂର୍ବରୁ ମଙ୍ଗଳବାର ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ସ୍ଥାନୀୟ ବାଙ୍କୀମୁହାଣସ୍ଥିତ ସଂସ୍କୃତି ଭବନଠାରେ ଆରମ୍ଭ ହୋଇଛି। କ୍ରୀଡ଼ା ସମ୍ପାଦିକା ସରସ୍ୱତୀ ଦାସଙ୍କ ତତ୍ତ୍ୱାବଧାନରେ ଏକକ ନୃତ୍ୟ ( ସିନିୟର ଓ ଜୁନିୟର), ମ୍ୟୁଜିକ ଚେୟାର ଓ ଭଏସ୍ ଅଫ କୁମାର ଉତ୍ସବ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବା ଏହି ପ୍ରତିଯୋଗିତା ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ତେବେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କୁମାର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ଆଲୋକ ମହାପାତ୍ର ଓ ସଭାପତି ରଜନୀକାନ୍ତ ଲେଙ୍କା ସୂଚନା ଦେଇଛନ୍ତି। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଭକ୍ତଚରଣ ଦାସ, ଉପଦେଷ୍ଟା ସନ୍ତୋଷ ଶତପଥୀ, ବିଜୟ କୁମାର ଆପଟ୍ଟ, ପ୍ରଦୀପ୍ତ କୁମାର ମିଶ୍ର, ସାଂଗଠନିକ ସଂପାଦକ ହରେକୃଷ୍ଣ ମିଶ୍ର, ସମୀକ୍ଷକ ଦୋଳଗୋବିନ୍ଦ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଅମିତ କୁମାର ଚାଟାର୍ଜୀ, ଜିତେନ୍ଦ୍ରନାଥ ଦାସମହାପାତ୍ର, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, କ୍ରୀଡ଼ା ସହସମ୍ପାଦକ ପ୍ରଶାନ୍ତ ମୁଦୁଲି, କୃପାସିନ୍ଧୁ ମହାପାତ୍ର, ବିକ୍ରମ ପରିଡା, କାର୍ଯ୍ୟାଳୟ ସମ୍ପାଦକ ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭ୍ୟ ଲକ୍ଷ୍ମୀନାରାୟଣ ପଣ୍ଡା, ନାରାୟଣ ଗୋଛିକାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କୁମାର ଉତ୍ସବ ସମିତି ପକ୍ଷରୁ ପୁରୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

## ସଂକ୍ଷେପରେ

### ୩ ମହଲା କୋଠାରେ ଅଗ୍ନିକାଣ୍ଡ



ଭୁବନେଶ୍ୱର,୧।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଶହୀଦନଗର ରୁପାଲି ଛକ ନିକଟରେ ମଙ୍ଗଳବାର ଏକ ୩ ମହଲା କୋଠାରେ ଅଗ୍ନିକାଣ୍ଡ ଘଟିଛି। ୩ ମହଲା ଛାତ ଉପରେ ଥିବା ଏକ ଶିଡି ଘରେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ଅନେକ ବହି, ପୋଷାକ, ଟେବୁଲ ଚେୟାର ଆଦି ଫର୍ନିଚର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ସୌଭାଦ୍ୟବଶତଃ ଅଗ୍ନିକାଣ୍ଡରେ କୌଣସି ଲୋକଙ୍କ ଜୀବନ ପ୍ରତି ବିପଦ ଆସିନାହିଁ। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଅଗ୍ନିକାଣ୍ଡ ନେଇ କୋଠାରେ ରହୁଥିବା ବାସିନ୍ଦା ଖବର ଦେଇଥିଲେ। ମଞ୍ଚେଶ୍ୱର ଫାୟାର ଷ୍ଟେଶନର ୬ଜଣ କର୍ମଚାରୀ ସେଠାକୁ ଯାଇ ନିଆଁ ଲିଭାଇଥିଲେ। ଇଲେକଟ୍ରିକ୍ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ କହିଛନ୍ତି। ଶିଡ଼ିଘରେରେ ବହିପତ୍ର ସହ ଆସବାବପତ୍ର ଗଚ୍ଛିତ କରି ରଖାଯାଇଥିଲା। ଅଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ମିଳିଛି।

### ବେଆଇନ ମୋରମ ଚାଲାଣ ହାଇୱା ଜବତ

ବାରଙ୍ଗ,୧।୧୦(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ପୋଲିସ ଚୋରାରେ ମୋରମ ନେଇ ଆସୁଥିବା ଏକ ହାଇୱାକୁ ମଙ୍ଗଳବାର ରାତିରେ ଜବତ କରିଛି। ହାଇୱା (ଓଡି୦୫-ଏସ-୪୮୫୮)ଟି ଓମ୍‌ଫେଡ ପାଖରୁ ବେଆଇନ ଭାବେ ମୋରମ ଉଠାଇ ବାରଙ୍ଗ ପଟକୁ ଆସୁଥିଲା। ଫାଣ୍ଡି ଅଧିକାରୀ ବିଚିତ୍ର ପ୍ରଧାନ ଖବରପାଇ ଫାଣ୍ଡି ଆଗରେ ହାଇୱାକୁ ଅଟକାଇଥିଲେ। ଚାଳକ ମୋରମ ପରିବହନ କରିବାର କୌଣସି ଠିକ୍ କାଗଜପତ୍ର ଦେଖାଇପାରି ନ ଥିବାବେଳେ ଚୋରାରେ ମୋରମ ଆଣିଥିବା ପୋଲିସ ଆଗରେ ମାନିଥିଲେ। ରାତି ହେବା ମାତ୍ରେ କେତେଜଣ ମୋରମ ମାଫିଆ ଓମ୍‌ଫେଡ ପାଖ ମୁଣ୍ଡିଆରୁ ଖୋଳି ମୋରମ ଚୋରାଚାଲଣ କରୁଥିବା ପୋଲିସ ପରେ ତଦନ୍ତବେଳେ ଜାଣିବାକୁ ପାଇଥିଲା। ଗାଡ଼ି ଚାଳକଙ୍କୁ ପୋଲିସ ଅଟକ ରଖି ଖଣି ବିଭାଗ ଅଧିକାରୀଙ୍କୁ ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଖଣି ବିଭାଗ ଅଧିକାରୀ ଚଢ଼ାଉ କରୁ ନ ଥିବାରୁ ବାରଙ୍ଗରୁ ବେଆଇନ ଭାବେ ବାଲି ଓ ମୋରମ ଚୋରାଚାଲଣ ହେଉଥିବାର ଦେଖିବାକୁ ମିଳୁଛି।

# 'ପରିବେଶ ଉପଯୋଗୀ ଉତ୍ପାଦନ କୌଶଳ ଆପଣାଇବା ଉଚିତ୍'

ଭୁବନେଶ୍ୱର,୧।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

**ସିଏସ୍ଆଇଆର୍‌ର ୮୩ତମ ପ୍ରତିଷ୍ଠା ଦିବସ**




କାଉନସିଲ୍ ଅଫ୍ ସାଇଣ୍ଟିଫିକ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ୍ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି)ରେ ମଙ୍ଗଳବାର ସିଏସ୍ଆଇଆର୍‌ର ୮୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସ୍ୱାଗତ ଭାଷଣ ଦେଇ ପ୍ରତିଷ୍ଠା ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ସହ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶରେ ସଙ୍ଗଠନର ଦୀର୍ଘକାଳୀନ ପ୍ରଭାବ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରଫେସର ପ୍ରଦୀପ କୁମାର ସେନ ଯୋଗଦେଇଥିଲେ। ସେ ଅଭିନବତା ଓ ଦକ୍ଷତାକୁ ପ୍ରୋତ୍ସାହିତ କରିବା ସହ ପରିବେଶ ଆହ୍ୱାନର ମୁକାବିଲା ପାଇଁ ଶିଳ୍ପ କାର୍ଯ୍ୟରେ ସ୍ଥାୟୀ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି 'ଆସ୍‌ପେକ୍ଟସ୍ ଅଫ୍ ସଷ୍ଟେନେବଲ ପ୍ରଡକ୍ସନ ଆଣ୍ଡ ଅପରେଶନ୍' ଶୀର୍ଷକରେ ବକ୍ତୃତା ପ୍ରଦାନ କରିଥିଲେ। ପରିବେଶ ଉପଯୋଗୀ ଉତ୍ପାଦନ କୌଶଳ ଅବଲମ୍ବନ କରିବା ଦ୍ୱାରା କେବଳ ପରିବେଶ ପ୍ରଭାବ ହ୍ରାସ କରାଯାଇପାରିବ ନାହିଁ ବରଂ ଅର୍ଥନୈତିକ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି କରାଯାଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ହିନ୍ଦୀ ପଖାୱାଡ଼ା ସମାପନୀ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ଡ. ଟି.ଆର୍.ପି ସିଂହ ଯୋଗଦେଇଥିଲେ। ସେହିପରି ସିଏସ୍ଆଇଆର୍-ପ୍ରତିଷ୍ଠା ଦିବସ ପାଳନ ଅବସରରେ ସିଏସଆଇଆର-ଆଇଏମ୍ଏମ୍‌ଟି ପକ୍ଷରୁ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସିଏସ୍ଆଇଆର-ଆଇଏମ୍ଏମ୍‌ଟିର ଜିଜ୍ଞାସା ଟିମ୍ କ୍ୟାମ୍ପସକୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷାଗାର ପରିଦର୍ଶନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ନିକଟରେ ଅବସର ନେଇଥିବା କର୍ମଚାରୀ, ୨୫ ବର୍ଷ ଚାକିରି ପୂରଣ କରିଥିବା କର୍ମଚାରୀ ଓ କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ସମିତି ଅଧ୍ୟକ୍ଷ ଡ. ଏଲ୍. ଡି . ବସ୍ରା ଧନ୍ୟବାଦ ଦେଇଥିଲେ। ଡ. ବର୍ଷା ଦାଶ ଏବଂ ଡ. ମନୀଷ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଚ୍ୟୁତ ସାମନ୍ତଙ୍କୁ ମହାତ୍ମା ସମ୍ମାନ

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)




ଶିକ୍ଷାବିତ୍, ସାମାଜିକ କର୍ମୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ମହାତ୍ମା ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀଠାରେ ବିର୍ଲା ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏକ ଚୟନ କମିଟି ଦ୍ୱାରା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯିବା ପରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଦୀର୍ଘ ୩୩ ବର୍ଷ ଧରି ସାମନ୍ତ ଶିକ୍ଷା ଓ ସମାଜସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ପାଇଁ ତାଙ୍କୁ ମହାତ୍ମା ସମ୍ମାନ ମିଳିଛି। ମହାତ୍ମା ଆୱାର୍ଡ ନିର୍ଦ୍ଦେଶକ ମୁଗ୍‌ଧା ଆରୋରା ଏବଂ ଆୟୋଜକ କମିଟିକୁ କୃତଜ୍ଞତା ଜଣାଇ ଏହି ସମ୍ମାନକୁ ସାମନ୍ତ କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଛନ୍ତି।

# ସ୍ୱଚ୍ଛ ଓଡ଼ିଶା ଗଠନ ଆମ ଲକ୍ଷ୍ୟ: ରାଜ୍ୟପାଳ



'ସ୍ୱଚ୍ଛତା ହିଁ ସେବା' ଅଭିଯାନ କାର୍ଯ୍ୟକ୍ରମ ଅବସରରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୧।୧୦(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜାରି ରହିଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସାମିଲ ହେଲେ ରାଜ୍ୟପାଳ ରଘୁବର ଦାସ। ବିଏମ୍‌ସି ପକ୍ଷରୁ ମଙ୍ଗଳବାର ବିନ୍ଦୁସାଗର ଓ ଏହାର ଆଖପାଖ ଅଞ୍ଚଳରେ ଗଣସଫେଇ ବା ପ୍ଲଗାଥନ୍ କରାଯାଇଥିଲା। ପାରମ୍ପରିକ ରଣପା ନୃତ୍ୟ, ଢୋଲ ବାଦ୍ୟରେ ରାଜ୍ୟପାଳଙ୍କୁ ଅଭିବାଦନ ଜଣାଇ ସ୍ୱାଗତ କରାଯାଇଥିଲା। ଚଳିତ ବର୍ଷ ସ୍ୱଚ୍ଛ ଭାରତ ଅଭିଯାନ ୧୦ ବର୍ଷ ପାଳନ କରୁଛି। ଏହି ଅଭିଯାନର ଉଦ୍ଦେଶ୍ୟ କେବଳ ସ୍ୱଚ୍ଛକର୍ମୀଙ୍କ ଦ୍ୱାରା ସଫେଇ କରାଇବା ନୁହେଁ, ବରଂ ସେମାନଙ୍କ ସହ ଆମେମାନେ ମିଶି ସ୍ୱଚ୍ଛ ଭୁବନେଶ୍ୱର, ସ୍ୱଚ୍ଛ ଓଡ଼ିଶା ଗଠନ କରିବା ବୋଲି ରାଜ୍ୟପାଳ କହିଥିଲେ। ବିନ୍ଦୁସାଗରର ପରିବେଶକୁ ଅପରିଷ୍କାର କରିବା ନାହିଁ କି କାହାରିକୁ କରାଇବାକୁ ଦେବା ନାହିଁ। ଏଥିପାଇଁ ସମସ୍ତେ ସଂକଳ୍ପ ନେବା ଦରକାର। ଏଥିସହ ନିଜ ଅଞ୍ଚଳକୁ ନିଜେ ସଫା ରଖିବା ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ପରେ ଗଣ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ୱଚ୍ଛକର୍ମୀଙ୍କ ସହ ଭାବ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଡେପୁଟି ମେୟର ମଞ୍ଜୁଲତା କହଁର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇଥିଲେ। ୧୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରି ଇନ୍ସପେକ୍ଟର, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଏନ୍‌ସିସି କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ।

## ବ୍ୟାଟେରି ଗାଡ଼ି ପ୍ରକଳ୍ପକୁ ବିରୋଧ

ବାରଙ୍ଗ/ତ୍ରିଶୂଳିଆ,୧।୧୦
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ବ୍ୟାଟେରି ଗାଡ଼ି ପ୍ରକଳ୍ପକୁ ବିରୋଧ କରିବାକୁ ଅଣ୍ଟା ଭିଡ଼ିଛି ମା' ମଙ୍ଗଳା ଚାଷୀ ସଂଘର୍ଷ କମିଟି ଓ ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଜମି ଉପରେ ପ୍ରାଚୀର ନିର୍ମାଣ ପାଇ ପ୍ରାଥମିକ କାର୍ଯ୍ୟ ଆରମ୍ଭ କରାଯାଉଥିବାବେଳେ ଚାଷୀମାନେ ଏହାକୁ ବିରୋଧ କରିଛନ୍ତି। ଆଗାମୀ ଦିନରେ ଚାଷୀମାନେ ପ୍ରକଳ୍ପକୁ ବିରୋଧ କରିବେ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ନରାଜ ମାର୍ଥାପୁର, ରାମଦାସପୁର ଓ ମୁଣ୍ଡଳୀ ପଞ୍ଚାୟତ ମଧ୍ୟରେ ପ୍ରଥମେ ଏକ କମ୍ପାନୀ ପାୱାର ପ୍ରୋଜେକ୍ଟ ନିର୍ମାଣ ପାଇଁ ଇଡ୍‌କୋ ସହାୟତାରେ ୨୦୦୬ରେ ଚାଷୀଙ୍କଠାରୁ ୮୩୦ ଏକର ଏବଂ ସରକାରୀ ଜମି ୪୨୬ ଏକରକୁ ମିଶାଇ ମୋଟ ୧୨୫୬ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ଅଧିଗ୍ରହଣ କରିଥିଲା। ପରବର୍ତ୍ତୀ ସମୟରେ କମ୍ପାନୀ ସର୍ତ୍ତ ଖିଲାପ କରିବାର ଅଭିଯୋଗ ଉଠାଇ ଚାଷୀ ବିରୋଧ କରିବାରୁ ପ୍ରକଳ୍ପଟି ବନ୍ଦ ହୋଇଯାଇଥିଲା। କମ୍ପାନୀ ଚାଲିଯିବାରୁ ଚାଷୀ ସେମାନଙ୍କ ଜମି ଫେରି ପାଇବାକୁ ଦାବି କରିଥିଲେ। କିନ୍ତୁ ଚାଷୀଙ୍କୁ ଇଡ୍‌କୋ ଜମି ନ ଫେରାଇବାରୁ ଚାଷୀମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟ ଚାଷୀଙ୍କୁ ଜମି ଫେରେଇବାକୁ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଇଡ୍‌କୋ ଉକ୍ତ ଜମିରେ ଜବରଦସ୍ତ ପାଚେରି ନିର୍ମାଣ କାମ ଆରମ୍ଭ କରିଥିଲା। ଏହାକୁ ଚାଷୀମାନେ ବିରୋଧ କରି ପୁନଶ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଅଦ୍ୟାବଧି ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାବେଳେ ତତ୍କାଳୀନ ରାଜ୍ୟ ସରକାର ବ୍ୟାଟେରି ଗାଡ଼ି କମ୍ପାନୀ ସହିତ କିପରି ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ ବୋଲି ମା' ମଙ୍ଗଳା ଚାଷୀ ସଂଘର୍ଷ କମିଟି ଓ ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି ପ୍ରଶ୍ନ ଉଠାଇଛି।

## ଶୁଣିଲାନି ପ୍ରଶାସନ, ରାସ୍ତାକାମ କଲେ ଗ୍ରାମବାସୀ

ବାରଙ୍ଗ,୧।୧୦(ଲିଙ୍ଗରାଜ ରାଉତ)

କୁହ୍ନେଇଁପଡ଼ା ପଞ୍ଚାୟତର ତ୍ରିଶୂଳିଆ ଗ୍ରାମ ଭିତରେ ସବୁବେଳେ ଜମି ରହୁଥିବା ବର୍ଷାପାଣି ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନକୁ ବହୁବାର ଗୁହାରି କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବାଧ ହୋଇ ଗ୍ରାମବାସୀ ନିଜ ଖର୍ଚ୍ଚରେ ବର୍ଷାପାଣି ଜମୁଥିବା ରାସ୍ତାକୁ ଉଚ୍ଚା କରିଛନ୍ତି।

ପ୍ରକାଶ ଯେ, ବାରଙ୍ଗର ମୁଖ୍ୟରାସ୍ତା କଡ଼ରେ ତ୍ରିଶୂଳିଆ ଗ୍ରାମ ରହିଛି। ବର୍ଷାଦିନ ଆସିଲେ ଏହି ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଇଥାଏ। ବର୍ଷାଦିନେ ଗ୍ରାମରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହିବା ଫଳରେ ଗ୍ରାମରେ ବହୁ ସମସ୍ୟା ଦେଖାଦେଇଥାଏ। ଗ୍ରାମର ଚତୁଃପାର୍ଶ୍ୱକୁ କେତେଜଣ ଜମି ମାଫିଆ କବ୍‌ଜା କରି ତାହାକୁ ଉଚ୍ଚ କରିବା ଫଳରେ ଗ୍ରାମ ଭିତରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହୁଛି। ବର୍ଷା ପାଣି ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଧ ହୋଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ନିଜସ୍ୱ ଖର୍ଚ୍ଚରେ ଉକ୍ତ ରାସ୍ତାକୁ ଉଚ୍ଚା କରିଛନ୍ତି। ଯାହା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ସ୍ୱଚ୍ଛତା ପାଇଁ ୧୦୦ ଘଣ୍ଟା ଉତ୍ସର୍ଗ କରିବେ ରେଳ କର୍ମଚାରୀ




ରେଲ୍‌ୱେ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ପାଇଁ ଶପଥ ପାଠ କରୁଛନ୍ତି।

ଭୁବନେଶ୍ୱର,୧।୧୦ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଏହାର ଅଧୀନରେ ଥିବା ରେଳଷ୍ଟେଶନ, ଟ୍ରେନ, ଅଫିସ, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ଡାକ୍ତରଖାନା ଏବଂ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ପକ୍ଷ ପାଳନ ଆରମ୍ଭ କରିଛି। ଅଭିଯାନର ଉଦ୍‌ଘାଟନୀ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଛନ୍ତି। ପୂର୍ବତଟ ରେଳପଥ କର୍ମଚାରୀମାନେ ପ୍ରତିବର୍ଷ ୧୦୦ ଘଣ୍ଟା ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉତ୍ସର୍ଗ କରିବା ଏବଂ ଅତି କମ୍‌ରେ ୧୦୦ ଜଣ ବ୍ୟକ୍ତିଙ୍କୁ ଏହା କରିବାକୁ ଉତ୍ସାହିତ କରାଇବା ପାଇଁ ଶପଥ ନେଇଛନ୍ତି। ଏହାପୂର୍ବରୁ ସେପ୍ଟେମ୍ବର ୧୪ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ସଭା ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ବିଷୟବସ୍ତୁ ଆଧାରରେ 'ସ୍ୱଚ୍ଛତା ହିଁ ସେବା' ପକ୍ଷ ପାଳନ କରିଥିଲା। ସ୍ୱଚ୍ଛତା ପକ୍ଷର ଏକ ଅଂଶ ଭାବେ ରେଳ କର୍ମଚାରୀ, ରେଳଯାତ୍ରୀ ଏବଂ ହିତାଧିକାରୀମାନଙ୍କୁ ନିରନ୍ତର ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟରେ ନିୟୋଜିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ସଚେତନତା ସୃଷ୍ଟି କରିବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଉପରେ ଚିତ୍ରାଙ୍କନ, ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଟ୍ରେନରେ ବିଶେଷକରି କୋଚ୍, ଟଏଲେଟ ବ୍ଲକ ଏବଂ ପାନ୍ଟ୍ରି କାର୍‌ରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଧ୍ୟାନ ଦିଆଯାଉଛି। ସେହିପରି ଜଳ ଯୋଗାଣ ସ୍ଥାନଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ଟ୍ୟାପ୍ ଏବଂ ବିଭିନ୍ନ ଷ୍ଟେଶନରେ ଜଳ ଗୁଣବତ୍ତାର ନିୟମିତ ଯାଞ୍ଚ କରାଯାଉଛି। ପରିବେଷଣ ଖାଦ୍ୟର ଗୁଣବତ୍ତା, ଷ୍ଟେଶନ ପରିସର ଏବଂ ସୁବିଧାର ସ୍ୱଚ୍ଛତା ଉପରେ ଯାତ୍ରୀଙ୍କ ମତାମତ ସଂଗ୍ରହ କରାଯାଉଛି।

# ବରିଷ୍ଠ ନାଗରିକ ସମାଜ ପାଇଁ ଅମୂଲ୍ୟ ସମ୍ପଦ

ଭୁବନେଶ୍ୱର, ୧।୧୦ (ବନ୍ଦନା ସେଠୀ)

ଶହୀଦନଗର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଗୌରାଙ୍ଗ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନିଶାକର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକମାନେ ସମାଜ ପାଇଁ ଅମୂଲ୍ୟ ସମ୍ପଦ ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା। ତେଣୁ ସେମାନଙ୍କୁ ସମାଜ ଓ ପରିବାରରେ ଉପଯୁକ୍ତ ସମ୍ମାନ ମିଳିବା ଆବଶ୍ୟକ। ଶହୀଦନଗର ଅଞ୍ଚଳ ଅନେକ ସାମାଜିକ, ଆଧ୍ୟାତ୍ମିକ ଅନୁଷ୍ଠାନର ଗନ୍ତାଘର। ତେଣୁ ଏକ ସ୍ୱଚ୍ଛ, ସବୁଜ, ନିରାପଦ ଓ ବିକଶିତ ଶହୀଦନଗର ତଥା ଆଦର୍ଶ ଅଞ୍ଚଳ ଭାବେ ପରିଣତ କରିବା ଆମ ସମସ୍ତଙ୍କ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ସତୀଶ ରାୟ, ରମେଶ ସାହୁ, ସୂର୍ଯ୍ୟଭଞ୍ଜ ଶିବ ପ୍ରସାଦ ରାଉତ, ମୁରଲୀଧର ମଲ୍ଲିକ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇ 'ଅଙ୍ଗ ଦାନ ଜୀବନ ଦାନ' ଉପରେ ଆଲୋଚନା କରିଥିଲେ। ଅକ୍ଷୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଆର୍‌ଆଇ, ଅମିନ ପରୀକ୍ଷାରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

**ତର୍ଜମା କରି ନିଷ୍ପତ୍ତି ନିଆଯିବ: ମନ୍ତ୍ରୀ ମୁକେଶ ମହାଲିଙ୍ଗ**

ରାଜ୍ୟରେ ଏବେ ପରୀକ୍ଷାରେ ସ୍ୱଚ୍ଛତା ଓ ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ନେଇ ସବୁବେଳେ ପ୍ରଶ୍ନ ଉଠୁଛି। ପରୀକ୍ଷା ଫଳାଫଳରେ ଅନିୟମିତତା ହେଉଥିବା ଘଟଣା ବାରମ୍ବାର ସାମ୍ନାକୁ ଆସୁଥିବାବେଳେ ପରୀକ୍ଷାକେନ୍ଦ୍ର ଚୟନରେ ଦୁର୍ନୀତି ହେଉଛି। କେଉଁଠି ମଣ୍ଡପରେ ତ ପୁଣି ଆଉ କେଉଁଠାରେ ସାଇବର କାଫେରେ ପିଲା ପରୀକ୍ଷା ଦେଉଛନ୍ତି। ପ୍ରଥମ ସିଟିଂରେ ଯେଉଁ ପ୍ରଶ୍ନପତ୍ର ଦିଆଯାଉଛି, ଦ୍ୱିତୀୟ ସିଟିଂରେ ସମାନ ପ୍ରଶ୍ନପତ୍ରରେ ପୁଣି ପରୀକ୍ଷା କରାଯାଉଛି। ଏଭଳି ଘଟଣାରୁ ରାଜ୍ୟରେ ପରୀକ୍ଷା ବ୍ୟବସ୍ଥା କିଭଳି ଚାଲିଛି ତାହା ସହଜେ ଅନୁମେୟ। ସୋମବାର ଭୁବନେଶ୍ୱରରେ ଏକ ସାଇବର କାଫେରେ ଓଏସ୍ଏସ୍ଏସ୍‌ସି ପକ୍ଷରୁ ଆର୍‌ଆଇ, ଏଆର୍‌ଆଇ, ଅମିନ ନିଯୁକ୍ତି ପାଇଁ ପରୀକ୍ଷା ଚାଲିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପରୀକ୍ଷାର୍ଥୀମାନେ ଦୁର୍ନୀତି ଅଭିଯୋଗ ଆଣିବା ପରେ ମଙ୍ଗଳବାର ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ବ୍ଲାକ୍‌ଲିଷ୍ଟେଡ୍ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯିବା କଥା ନୁହେଁ। ଏହା ପୂର୍ବ ସରକାରରୁ ରହିଆସିଛି। ଆମେ ତର୍ଜମା କରୁଛୁ। ଆମେ ପିଲାଙ୍କ ଭବିଷ୍ୟତ ସହ ଖେଳିବୁ ନାହିଁ। ପିଲାମାନେ ଆଶ୍ୱସ୍ତ ରୁହନ୍ତୁ, ଠିକ୍ ନିଷ୍ପତ୍ତି ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

ମଙ୍ଗଳବାର ଷ୍ଟୁଡେଣ୍ଟ ଏଗନେଷ୍ଟ କରପ୍ସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ଏଭଳି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ସୋମବାର ଭୁବନେଶ୍ୱରରେ ପରୀକ୍ଷାର୍ଥୀଙ୍କ ସହ ଯେଉଁ ଘଟଣା ଘଟିଲା ତାହା ସତରେ ଆଶ୍ଚର୍ଯ୍ୟକର। ଆମେ ଆଗରୁ ବାରମ୍ବାର ଅଭିଯୋଗ କରିଆସୁଥିଲୁ କିଭଳି ନିଯୁକ୍ତିରେ ଦୁର୍ନୀତି ହେଉଛି। ସରକାରଙ୍କୁ ଦୃଷ୍ଟି ଦେବାକୁ ଅନୁରୋଧ ମଧ୍ୟ କରିଥିଲୁ। ରାଜ୍ୟରେ ବର୍ତ୍ତମାନ ଓଏସ୍ଏସ୍ଏସ୍‌ସିର ଚାଲୁଥିବା ଆର୍‌ଆଇ, ଏଆର୍‌ଆଇ, ଅମିନ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାରେ ବ୍ୟାପକ ଅନିୟମିତତା ସାମ୍ନାକୁ ଆସିଛି। ଓଏସ୍ଏସ୍ଏସ୍‌ସି ସିଫି ଟେକ୍ନୋଲୋଜି ନାମକ ଏକ ଘରୋଇ ସଂସ୍ଥା ହାତକୁ ନିଯୁକ୍ତି ଦାୟିତ୍ୱ ଟେକିଦେଇଛି। ଯେଉଁ ସଂସ୍ଥା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ କରି ବ୍ଲାକ ଲିଷ୍ଟେଡ୍ ହୋଇ ଅଯୋଗ୍ୟତାର ପ୍ରମାଣ ଦେଇସାରିଛି, ସେହି ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏଥିସହ ବିବାହ ମଣ୍ଡପ, ସାଇବର କାଫେ, ଦୁଇ ବଖରା ଘରେ ସର୍ବନିମ୍ନ ସୁବିଧା ନ ଥାଇ ମଧ୍ୟ ସେଣ୍ଟର କରାଯାଇଛି। ସେହିପରି ତୃତୀୟ ସିଫ୍ଟରେ ଅପରାହ୍ନ ୩ଟା ୩୦ରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଓଡ଼ିଶାର ସମସ୍ତ ପରୀକ୍ଷା କେନ୍ଦ୍ରରେ ତୃତୀୟ ସିଫ୍ଟରେ ସମାନ ପ୍ରଶ୍ନପତ୍ରରେ ପରୀକ୍ଷା ଆରମ୍ଭ ହୋଇ ୫ଟାରେ ସରିବା ପରେ ଉକ୍ତ ସେଣ୍ଟରରେ ୫ଟା ୩୦ରେ ପୁଣି ସେଇ ସମାନ ପ୍ରଶ୍ନପତ୍ରରେ ପରୀକ୍ଷା କିପରି। ହେଲା ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ପରେ ଯଦି ପରୀକ୍ଷା ହେଉଛି ତେବେ ସ୍ୱଚ୍ଛତା କେଉଁଠି ରହିଲା। ଏ ନେଇ ସେ ସମ୍ମିଳନୀରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସରକାର ମୌନ ନ ରହି ତୁରନ୍ତ ପରୀକ୍ଷାକୁ ବାତିଲ କରିବା ସହିତ ସ୍ୱଚ୍ଛତାର ସହ ପୁନର୍ବାର ପରୀକ୍ଷା କରାନ୍ତୁ। କେଉଁ ଆଧାରରେ ପୂର୍ବରୁ ବ୍ଲାକଲିଷ୍ଟେଡ୍ ସିଫି ସଂସ୍ଥାକୁ ଦାୟିତ୍ୱ ଦିଆଗଲା ଓ କେଉଁ ଆଧାରରେ ଏଭଳି ସେଣ୍ଟରକୁ ଚୟନ କରାଗଲା ତାହାର ତଦନ୍ତ ହେଉ। ଏଭଳି ସେଣ୍ଟରଗୁଡ଼ିକୁ ବ୍ୟାନ କରାଯାଉ ବୋଲି ମହାପାତ୍ର ଦାବି କରିଛନ୍ତି।

# 'ଉଦ୍ୟୋଗ ଦ୍ୱାରା ରାଜ୍ୟକୁ ଅଧିକ ଉଚ୍ଚକୁ ନେଇପାରିବା'

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

**ଓଡ଼ିଆ ପ୍ରେନ୍ୟୁଅର ସ୍ମାର୍ଟ ଓଡ଼ିଶା ହାକାଥନ ୨.୦ ଉଦ୍‌ଯାପିତ**



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଓଡ଼ିଆ ପ୍ରେନ୍ୟୁଅର ସ୍ମାର୍ଟ ଓଡ଼ିଶା ହାକାଥନ ୨.୦ ରାଜ୍ୟସ୍ତରୀୟ ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ପରିସରରେ ଗତ ୨ଦିନ ଧରି ଏହି ହାକାଥନ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରଘୁରାମ ଆୟାର ଯୋଗଦେଇ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ବର୍ଣ୍ଣନାକରି ସମସ୍ତ ପ୍ରତିଯୋଗୀଙ୍କୁ ଅଭିବାଦନ ଜଣାଇବା ସହ ଓଡ଼ିଶା ସରକାରଙ୍କ ଦ୍ୱାରା ହେଉଥିବା ସୁଭଦ୍ରା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଇଡି ଟେକ୍ କୋ-ଫାଉଣ୍ଡର୍ ସୁମିତ ମିଶ୍ର କହିଥିଲେ, ଓଡ଼ିଶାର ବିକାଶ ଚକ୍ର ବର୍ତ୍ତମାନ ଆରମ୍ଭ ହୋଇଛି। ଉଦ୍ୟୋଗ ଉପରେ ଠିକ୍ ଧ୍ୟାନ ଦେଇ ଆମେ ଆମ ରାଜ୍ୟ ତଥା ଏହାର ପ୍ରତିଭାକୁ ଅଧିକ ଉଚ୍ଚକୁ ନେଇପାରିବା। ସମ୍ମାନିତ ଅତିଥି ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଚେୟାରମ୍ୟାନ ଅଶ୍ୱିନୀ କୁମାର ମିଶ୍ର କହିଛନ୍ତି, ହାକାଥନ କେବଳ ପ୍ରତିଯୋଗିତା ନୁହେଁ ବରଂ ଏକ ଗୋଷ୍ଠୀ ପ୍ରୟାସ, ଯେଉଁଠାରେ ସୃଜନଶୀଳ ସମାଧାନ ସହଯୋଗରୁ ଜନ୍ମହୋଇଥାଏ। ଏହା ପରସ୍ପରଠାରୁ ଶିଖିବା ଏବଂ ବାସ୍ତବ ସମସ୍ୟାର ଅଭିନବ ସମାଧାନ ଖୋଜିବା ବିଷୟରେ ଶିଖାଇଥାଏ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ କହିଥିଲେ, ଶିକ୍ଷା ହେଉଛି ସେହି ମୂଳଦୁଆ, ଯାହା ଉପରେ ଭବିଷ୍ୟତ ଗଠନ କରିହେବ ଏବଂ ସ୍ୱପ୍ନକୁ ଇନ୍ଧନ ଦେବା ପାଇଁ ଏହାକୁ ଚତୁରତାର ସହ ବ୍ୟବହାର କରିହେବ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ୫୦ହଜାର, ଦ୍ୱିତୀୟ ଓ ତୃତୀୟ ଦଳକୁ ଯଥାକ୍ରମେ ୩୦ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୫ଟି ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଛି। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରେଣୁପ୍ରଭା ନାୟକ ଧନ୍ୟବାଦ ଦେଇଥିଲେ।


ଷୋଳପୂଜା ଅବସରରେ କଟକ ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ହରଚଣ୍ଡୀ ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଗାୟତ୍ରୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ବଗଳାମୁଖୀ ବେଶ।


ପୀଠାପୁର ଧାକୁଲେଇଙ୍କ ମହା ସରସ୍ୱତୀ ବେଶ।


ବଡ଼ମ୍ବାର ଭଟ୍ଟାରିକାଙ୍କ ଉଗ୍ରତାରା ବେଶ।


ତିଗିରିଆ ବିଦ୍ଧାଣିମାସ୍ଥିତ ବୁଢ଼ୀ ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ।

# ତୃଣମୂଳସ୍ତରରୁ ଯୋଜନାର ରୂପାୟନକୁ ଗୁରୁତ୍ୱ

କଟକ,୧।୧୦(କାର୍ତ୍ତିକ ସାହୁ)



ଦିଶା ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ବିଧାୟକଙ୍କ ସହ ଅନ୍ୟମାନେ।

**ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ**

କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଥମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ରୂପାୟନ ନିମନ୍ତେ ତୃଣମୂଳ ସ୍ତରରୁ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଛନ୍ତି। ସର୍ବୋପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଆଦି ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଯୋଜନାଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ସହ ପ୍ରଶାସନିକ ଅଧିକାରୀମାନେ ତତ୍ପରତାର ସହିତ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଭାବରେ କାର୍ଯ୍ୟକାରୀ କଲେ ସାମଗ୍ରିକ ଅଭିବୃଦ୍ଧି ପରିଲକ୍ଷିତ ହୋଇପାରିବ ବୋଲି ମହତାବ ଆଶାପୋଷଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରି ସର୍ବେକ୍ଷଣ କରାଯିବା ଉପରେ ଏମ୍‌ପି ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଠିକ ଉପଯୋଗିତା ଏବଂ କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକରେ ଯୋଜନା ଅନ୍ତର୍ଗତ ଚାଷୀଙ୍କୁ ବୀମାଗତ ଲାଭ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବା, ସମସ୍ତ ଯୋଜନାର ହିତାଧିକାରୀ ସଂଖ୍ୟାକୁ ବଢ଼ାଇବା ଉପରେ ମହତାବ ମତବ୍ୟକ୍ତ କରିଛନ୍ତି।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପରିସରଭୁକ୍ତ ହୋଇ ନ ଥିବା ଗ୍ରାମ୍ୟ ରାସ୍ତାଗୁଡିକୁ ପରିସରଭୁକ୍ତ କରିବାକୁ ମତବ୍ୟକ୍ତ କରିଥିଲେ। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ଜନପ୍ରତିନିଧିଙ୍କ ଅବଗତିରେ କାର୍ଯ୍ୟ କରିବାକୁ କହିଥିଲେ। କଟକ ମହାନଗର ନିଗମ ମେୟର ସୁବାସ ସିଂ କହିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ସହରାଞ୍ଚଳରେ ପକ୍କାଘର ସଂଖ୍ୟା ବଢ଼ିଥିବାବେଳେ ଦୀର୍ଘବର୍ଷ ଧରି ଚାଲୁଥିବା ଥଇଥାନ ସମସ୍ୟାର ସମାଧାନ ନିମନ୍ତେ ସରକାରୀ ମାନଦଣ୍ଡ କୋହଳ କରିବାର ଆବଶ୍ୟକତା ରହିଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ନୂତନ ରାସ୍ତାଗୁଡିକୁ ଅନ୍ତର୍ଭୁକ୍ତ କରିବା ଓ ସୂଚନା ଫଳକ ମାଧ୍ୟମରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପ୍ରଥମେ ଯୋଜନାରେ ଅନ୍ତର୍ଭୁକ୍ତ ହେଉଥିବା ହିତାଧିକାରୀଙ୍କୁ ପ୍ରାଥମିକତା ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଲୋକଙ୍କ ହିତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଶତପ୍ରତିଶତ ଲୋକଙ୍କ ଦ୍ୱାରା ଆଦୃତ ହେବା ଦିଗରେ ପ୍ରଶାସନିକ ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଜିଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ବୈଠକ ସଞ୍ଚାଳନ କରିବା ସହ ବିଭିନ୍ନ ବିଭାଗର ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟସୂଚୀ ମୁତାବକ ସମସ୍ତ କାର୍ଯ୍ୟକ୍ରମ ସମୟସୀମା ମଧ୍ୟରେ ସମ୍ପାଦିତ ହେବ ବୋଲି ମତବ୍ୟକ୍ତ କରିଥିଲେ।

# 'ହ୍ୱାଟ୍ସଆପ୍‌ରେ ଅଭିଯୋଗ ଗ୍ରହଣ କରିବି'

କଟକ,୧।୧୦(କାର୍ତ୍ତିକ ସାହୁ)



- କାର୍ଯ୍ୟରେ ଯୋଗଦେଲେ ନୂଆ ଡିସିପି ଜଗମୋହନ ମୀନା
- ନୂତନ ପୋଲିସ କମିଶନରଙ୍କ ପରିଦର୍ଶନ

କଟକ ଡିସିପି ଭାବେ ଆଇପିଏସ୍ ଅଫିସର ଜଗମୋହନ ମୀନା ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା। ଜନସାଧାରଣଙ୍କ ଆପତ୍ତି, ଅଭିଯୋଗକୁ ଗୁରୁତ୍ୱ ଦେବେ। ଏଥିସହ ହ୍ୱାଟ୍ସଆପ୍‌ରେ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିବେ ବୋଲି ଜଗମୋହନ କହିଛନ୍ତି। ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଜଗମୋହନ ୨୦୨୨ ଡିସେମ୍ବର ୩୦ରୁ ଗଞ୍ଜାମ ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ।

ଅପରପକ୍ଷରେ ଭୁବନେଶ୍ୱର-କଟକ ନୂତନ ପୋଲିସ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁରେଶ ଦେବଦତ୍ତ ସିଂ କଟକ ଡିସିପିଙ୍କ କାର୍ଯ୍ୟାଳୟକୁ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ସେ ନୂତନ ଡିସିପି ଜଗମୋହନ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରି ପୋଲିସର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାର୍ବଣ ସମେତ ଆଇନଶୃଙ୍ଖଳା ନେଇ ସେ ଆଲୋଚନା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କମିଶନର କହିଛନ୍ତି, ଦୀର୍ଘଦିନ ବିଭିନ୍ନ ଥାନା, ଫାଣ୍ଡିରେ ରହିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ପୋଲିସ କାର୍ଯ୍ୟରେ ଦକ୍ଷତା ମୁଖ୍ୟ। ଥାନାକୁ ଆସୁଥିବା ସବୁ ଲୋକଙ୍କୁ ନ୍ୟାୟ ପ୍ରଦାନ ଦିଗରେ କମିଶନର ଗୁରୁତ୍ୱାରୋପ କରିଛନ୍ତି। ସବୁବେଳେ ପୋଲିସ ସଜାଗ ରହି ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅପରାଧୀଙ୍କୁ ପୋଲିସ କମିଶନର ଚେତାବନୀ ଦେଇଛନ୍ତି। ଅପରାଧ ଛାଡ଼ିଥିବା ବ୍ୟକ୍ତି ଅପରାଧ ନ କରି ମୁଖ୍ୟ ସ୍ରୋତକୁ ଫେରିବାକୁ ସେ ଆହ୍ୱାନ ଦେଇଛନ୍ତି। ଥାନାରେ ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଗୁରୁତ୍ୱ ଦିଆଯିବ। କାର୍ଯ୍ୟଦକ୍ଷତା ଥିବା ଏବଂ କାର୍ଯ୍ୟଦକ୍ଷତା ନ ଥିବା କର୍ମଚାରୀଙ୍କୁ ବଛାଯିବ ବୋଲି କମିଶନର ମତବ୍ୟକ୍ତ କରିଛନ୍ତି।

# ସୁବର୍ଣ୍ଣପୁର ଜିଲାପାଳଙ୍କୁ ଓଏଚ୍‌ଆର୍‌ସିଙ୍କ ସମନ

କଟକ,୧।୧୦(କାର୍ତ୍ତିକ ସାହୁ)

**ମୁକୁଳା ବୋର୍‌ୱେଲରେ ପଡ଼ି ବୃଦ୍ଧା ମୃତ୍ୟୁ ମାମଲା**

ବୋର୍‌ୱେଲରେ ପଡ଼ି ବୃଦ୍ଧା ମୃତ୍ୟୁ ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ସୁବର୍ଣ୍ଣପୁର ଜିଲାପାଳଙ୍କୁ ବ୍ୟକ୍ତିଗତ ହାଜର ପାଇଁ ଆଦେଶ ଦେଇଛନ୍ତି। ଆୟୋଗଙ୍କ ଆଦେଶ ମୁତାବକ ଉକ୍ତ ଘଟଣାରେ ତଦନ୍ତ ରିପୋର୍ଟ ଦାଖଲ କରି ନ ଥିବାରୁ ଜିଲାପାଳଙ୍କୁ ଆୟୋଗ ସମନ ଜାରି କରିଛନ୍ତି। ସୁବର୍ଣ୍ଣପୁର ଏସ୍‌ପିଙ୍କ ଜରିଆରେ ଏହି ସମନ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଆୟୋଗ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆସନ୍ତା ନଭେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ସୋନପୁର ବ୍ଲକ ଖଲିଆପାଲି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଏକ ମୁକୁଳା ଡ୍ରେନ୍‌ରେ ପଡି ଦୁଃଖୀ ନେଗି ନାମ୍ନୀ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ସେ ତାଙ୍କ ଝିଅ ଘରକୁ ବୁଲିବାକୁ ଆସିଥିବାବେଳେ ୨୦୨୩ ନଭେମ୍ବର ୧୪ରେ ଅଘଟଣର ଶିକାର ହୋଇଥିଲେ। ରାଜ୍ୟ ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଏକ ମୁକୁଳା ବୋର୍‌ୱେଲରେ ବୃଦ୍ଧା ଜଣକ ଖସିପଡ଼ି ୨୪ ଘଣ୍ଟା ରହିବା ଦ୍ୱାରା ତାଙ୍କର ମୃତ୍ୟୁ ଘଟିଥିଲା। ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ଏନେଇ ଓଏଚ୍‌ଆର୍‌ସିରେ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି।



ସିଏମ୍‌ସି ସାନିଟେଶନ ପକ୍ଷରୁ କଟକ ତାଳଦଣ୍ଡା କେନାଲ ରୋଡ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ସ୍ୱଚ୍ଛତା ହିଁ ସେବା ସମୂହ ସଫେଇ କାର୍ଯ୍ୟକ୍ରମ।

# ବରିଷ୍ଠ ନାଗରିକ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତୁ

ଖୁଣ୍ଟୁଣୀ, ୧।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆନ୍ତର୍ଜାତିକ ବୟୋବୃଦ୍ଧ ଦିବସ ଅବସରରେ ଗୁରୁଡିଝାଟିଆସ୍ଥିତ ପୂର୍ତ୍ତବିଭାଗ ବଙ୍ଗଳାଠାରେ ନବେଡ଼ା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଉପସଭାପତି ବିମ୍ବାଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡାକ୍ତର ରବୀନ୍ଦ୍ର ନାଥ ମହାପାତ୍ର, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ପ୍ରତାପ ସାମଲ, ଡା. ରମେଶ ସିଂ ଓ ମଞ୍ଚ ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ ଯୋଗଦେଇ ବରିଷ୍ଠ ନାଗରିକ ସମାଜକୁ ଦିଗ୍‌ଦର୍ଶନ ଦେବାକୁ ପରାମର୍ଶ ଦେଇଥିଲେ। ଏଥିରେ ମାଗୁଣି ଚରଣ ରାଉତ, ବିଚିତ୍ରା ନନ୍ଦ ତ୍ରିପାଠୀ, ଜଗନ୍ନାଥ ଧଳ, ଗୁରୁଚରଣ ବେହେରା, ରଜନୀ ଜେନା, ବିଷ୍ଣୁଚରଣ ପତ୍ରି, ସୁଦାମ ଚରଣ ବେଉରା, ବିପ୍ରବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଡା. ରମେଶ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମା' ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମରେ ସଂଘ କାର୍ଯ୍ୟାଳୟଠାରେ ୨୦ ଗଛ ଲଗାଯାଇଥିଲା।

# ସ୍ଥିରୀକୃତ ପେନ୍‌ସନ୍ ବ୍ୟବସ୍ଥା ସରକାର ଯୋଗାଇ ଦିଅନ୍ତୁ

କଟକ,୧।୧୦(କାର୍ତ୍ତିକ ସାହୁ)

କେନ୍ଦ୍ର ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ବକ୍ସିବଜାରସ୍ଥିତ ଜିପିଓଠାରେ ବିଶ୍ୱ ପେନ୍‌ସନର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏନ୍‌ସିସିପିଏ ଓ ଏଆଇପିଆର୍‌ପିଇ ଓଡ଼ିଶା ଶାଖା ମିଳିତ ଆନୁକୂଲ୍ୟରେ ପେନ୍‌ସନରମାନଙ୍କ ବିଭିନ୍ନ ଦାବି ଉପରେ ଆଲୋକପାତ କରାଯାଇଛି। ପେନ୍‌ସନରମାନଙ୍କୁ ସୁଷମ ଖାଦ୍ୟ, ସ୍ୱଚ୍ଛ ପିଇବା ପାଣି, ସ୍ୱାସ୍ଥ୍ୟର ଯତ୍ନ ପାଇଁ ବିନା ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇବା ଓ ଗମନାଗମନ ସୁବିଧା ଯୋଗାଇବାକୁ ବକ୍ତାମାନେ କହିଥିଲେ। ସେହିପରି ସ୍ଥିରୀକୃତ ପେନ୍‌ସନ୍ ବ୍ୟବସ୍ଥା ଯୋଗାଇବାକୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବି ହୋଇଛି। କେନ୍ଦ୍ର ସରକାରୀ ପେନ୍‌ସନର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନଗୋବିନ୍ଦ ବାରିକ, ରବିନାରାୟଣ ମଲ୍ଲିକ, କୃଷ୍ଣଚନ୍ଦ୍ର ବେହେରା, ମୋହିନୀ ମୋହନ ସାମଲ, ଗୋକୁଳାନନ୍ଦ ବେହେରା, ଭାଗ୍ୟଧର ବ୍ରହ୍ମା ଓ ବିନୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ହେମନ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ରାସ୍ତା ମରାମତି ପାଇଁ ଦାବିପତ୍ର

କଟକ,୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ କଟକ ସହର ଓ କଟକ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ରାସ୍ତା ଖାଲଖମା ହୋଇଛି। ଏଥିଯୋଗୁ ଦୁର୍ଘଟଣା ଘଟିବା ସହ ଯାତାୟାତରେ ସମସ୍ୟା ହେଉଛି। ଏହାକୁ ନେଇ କଟକ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଓଏମ୍‌ପି ଛକ ନିକଟସ୍ଥ ଆରଆଣ୍ଡବି କଟକ ବିଭାଜନ-୨ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଅଧୀକ୍ଷଣ ଯନ୍ତ୍ରୀ ଅନୁପ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦଶହରା ପୂର୍ବରୁ କଟକ ସହର ସମେତ ସଦର ନିର୍ବାଚନମଣ୍ଡଳୀର ଗୋପାଳପୁର, ୪୨ମୌଜା, କନ୍ଦରପୁର ଅଞ୍ଚଳରେ ରାସ୍ତା ମରାମତି ସାରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯନ୍ତ୍ରୀ ଅନୁପ ବେହେରା ଦଶହରା ପୂର୍ବରୁ ସମସ୍ତ ମୁଖ୍ୟ କାମ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିବା ନେଇ କଟକ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ମନୋଜ ବିଶ୍ୱାଳ, କଟକ ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ, ଉଗ୍ରସେନ ଭୂୟାଁ, କଟକ ନଗର ଯୁବ କଂଗ୍ରେସ ସଭାପତି ତଥା ଆଇନଜୀବୀ ବିପ୍ଳବ ଶିଳାଦିତ୍ୟ, ସଚ୍ଚିଦାନନ୍ଦ ରାଉତ, ବିଶ୍ୱରଞ୍ଜନ ମହରଥା, ପ୍ରଶାନ୍ତ ଭୋଇ, ପ୍ରତ୍ୟୁଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ମଙ୍ଗଳବାର ଅନୁଷ୍ଠିତ ନାଟକ 'ବୋପା ରାଣ ଡିଙ୍କି ଗିଳି'ର ଏକ ଦୃଶ୍ୟ।

# ୧୦୮ ବର୍ଷ ଧରି ମା'ଙ୍କ ମୂର୍ତ୍ତି ଗଢ଼ୁଛନ୍ତି ଗୋଟିଏ ପରିବାର



**ବିରାଜିବେ ମା'**

କଟକ,୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)



**କାଜିବଜାର ଆଦିପୀଠ ପୂଜା କମିଟି**

ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ପ୍ରସ୍ତୁତିରେ ଲାଗିପଡିଛନ୍ତି। ଏହି ପୂଜା ଦୌଡରେ ସାମିଲ ହୋଇଛି କାଜିବଜାର ଆଦିପୀଠ ପୂଜା କମିଟି। ଚଳିତବର୍ଷ ପୂଜା ବଜେଟ୍ ୩ ଲକ୍ଷ ଟଙ୍କା ରଖାଯାଇଛି। ଏଠାରେ ୧୮୧୫ରୁ ଦୁର୍ଗାପୂଜା ପାଳନ ହେଉଛି। ସହରରେ ପ୍ରଥମକରି ଦୁର୍ଗାପୂଜା ପାଳନ କରିଥିବା ୩/୪ଟି ପୁରାତନ ପୂଜା ମଣ୍ଡପ ମଧ୍ୟରେ କାଜିବଜାର ଆଦିପୀଠ ଅନ୍ୟତମ। ଗୁଇଁ ପରିବାର ବ୍ୟବସାୟ କରିବା ଉଦ୍ଦେଶ୍ୟରେ କାଜିବଜାର ଅଞ୍ଚଳରେ ଅବସ୍ଥାନ କରୁଥିଲେ। ଗୁଇଁ ପରିବାରର ମୁଖିଆ ତାରଚାନ୍ଦ ଗୁଇଁ ଦାସଙ୍କୁ ମା' ସ୍ୱପ୍ନରେ ଦେଖାଦେଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିବାକୁ ଆଦେଶ ଦେଇଥିଲେ। ପ୍ରଥମେ ଗୁଇଁ ଦାସ ଏକ ଚାଳଛପର ଘରେ ମା'ଙ୍କ ପୂଜା ଆରମ୍ଭ କରିଥିଲେ। ପରେ ତାଙ୍କ ବଂଶଧରମାନେ ସ୍ୱତନ୍ତ୍ର ମଣ୍ଡପ ନିର୍ମାଣ କରି ପୂଜା କରୁଛନ୍ତି। ୧୨ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି କୁମ୍ଭାରସାହିଅଞ୍ଚଳର ପ୍ରଶାନ୍ତ ବେହେରା ନିର୍ମାଣ କରୁଛନ୍ତି। ୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଜରିମେଢ଼ ନିର୍ମାଣ କରାଯାଇଛି। ୨୦ କେଜି ଓଜନର ମା'ଙ୍କର ଚାନ୍ଦି ମୁକୁଟ ଓ ହାର କମିଟି ପକ୍ଷରୁ କରାଯାଇଛି। ଏଥିସହ ୫ଭରି ଓଜନର ସୁନା ଅଳଙ୍କାର କରାଯାଇଛି। ମହାଷ୍ଟମୀରେ ମା'ଙ୍କ ନିକଟରେ ପାଣି କଖାରୁ ଅର୍ପଣ କରାଯାଏ। ମହାନବମୀରେ ମା'ଙ୍କ ନିକଟରେ ଚୁଡା ଭୋଗ କରାଯାଇ ୫୦୦ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଦଶମୀରେ ମହିଳାମାନେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ଭସାଣି ଯାତ୍ରାରେ କୋଲକାତାର ଢାକ ବାଜା ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

## ବଙ୍ଗୀୟ ପରମ୍ପରାରେ ହେବ ପୂଜାର୍ଚ୍ଚନା



"ବଙ୍ଗୀୟ ପରମ୍ପରାରେ ମା'ଙ୍କର ପୂଜାର୍ଚ୍ଚନା କରାଯିବ। ପୂଜା ପାଇଁ ଅଞ୍ଚଳକୁ ଆଲୋକରେ ସଜ୍ଜିତ କରାଯିବ। ଗୋଟିଏ ପରିବାରର କାରିଗର ୧୦୮ ବର୍ଷ ଧରି ମା'ଙ୍କ ପ୍ରତିମା ନିର୍ମାଣ କରିଆସୁଛନ୍ତି। ପୂର୍ବରୁ କୁମ୍ଭାରସାହିର ସ୍ୱର୍ଗତ ପୀତାମ୍ବର ବେହେରା ମୂର୍ତ୍ତି ଗଢ଼ୁଥିଲେ। ବଂଶାନୁକ୍ରମେ ତାଙ୍କ ପରିବାରର ସଦସ୍ୟ ଏହି କାର୍ଯ୍ୟ କରୁଛନ୍ତି।

ସପନ କୁମାର ଦାସ, ସଭାପତି

## ଆକର୍ଷଣ ସାଜିବ କୋଲକାତାର ଢାକ ବାଜା



"ଭସାଣି ଉତ୍ସବକୁ ଶୃଙ୍ଖଳାର ସହିତ କରାଯିବ। ଏଥିପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା କରାଯିବ। ଚଳିତବର୍ଷ କୋଲକାତାର ଢାକ ବାଜା ମୁଖ୍ୟ ଆକର୍ଷଣ ସାଜିବ।

ଅମିୟ କୁମାର ଦାସ, ସମ୍ପାଦକ

## ସଂକ୍ଷେପରେ

### ମହାଗୌରୀ ବେଶରେ ଦର୍ଶନଦେଲେ ମା' ବନଦୁର୍ଗା



ନିରାକାରପୁର,୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଶାରଦୀୟ ପୂଜା ଅବସରରେ ମଙ୍ଗଳବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗା ମହାଗୌରୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ ସହଯୋଗ କରିଥିଲେ। ସାମାଜିକ କର୍ମୀ ମଦନମୋହନ ମହାପାତ୍ର, ପ୍ରଦୀପ ରଞ୍ଜନ ଆଚାର୍ଯ୍ୟ, ପପେୟା ଆଚାର୍ଯ୍ୟ, ପ୍ରଜ୍ଜ୍ୱଳ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ରଙ୍କ ପରିବାର ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକ-ଅଭିଭାବକ ବୈଠକ

ଟାଙ୍ଗୀ,୧।୧୦(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପିଲାମାନେ ବାହାରେ ଶିକ୍ଷାଦାନ ନ କରି ଏହି ବିଦ୍ୟାଳୟରେ ଶିକ୍ଷାଲାଭ କରିବା ପାଇଁ ପ୍ରଧାନଶିକ୍ଷକ ସ୍ୱାଇଁ ଅଭିଭାବକଙ୍କୁ ନିବେଦନ କରିଥିଲେ। ବିଦ୍ୟାଳୟ ପରିସରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅଭିଭାବକଙ୍କ ଦାୟିତ୍ୱ ଓ ସହଯୋଗରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଗୁରୁଦାୟିତ୍ୱ ରହିଛି। ଏହି ବୈଠକରେ ଅରୁନ୍ଧତୀ ଓଝା, ଦେବନାରାୟଣ ହୋତା, ହୃଷୀକେଶ ମଲ୍ଲିକ, ବାଲା ସୁଜାତା, କବିତା ବେହେରା, ପ୍ରତିଭା ସମ୍ପତି, ରମେଶ ଦାଶ, ନୀହାରିକା ସାହୁ, ଟିଙ୍କିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବେଗୁନିଆ,୧।୧୦(ସନ୍ଧ୍ୟାରାଣୀ ମିଶ୍ର)

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ଦେଉଳିପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପରିଛଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏବଂ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା.ରାଜକିଶୋର ଜେନା, ଫାର୍ମାସିଷ୍ଟ ଶୁଭ୍ରକାନ୍ତ ମହାପାତ୍ର, ପ୍ରଭାସିନୀ ପଣ୍ଡା, ଗାୟତ୍ରୀ ଛୋଟରାୟ, ଦାଶରଥି ପ୍ରଧାନ, ଅଭିଷେକ ବେହେରା, ଅବିନାଶ ସାମନ୍ତରାୟ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ନାଏବ ସରପଞ୍ଚ କୁନି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟ ଦାବିରେ ଥାନା ଆଗରେ ଅନଶନ

ବେଗୁନିଆ,୧।୧୦
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)




ବେଗୁନିଆ ଥାନା ଅଧୀନ ଗଡ଼ତରା ଗ୍ରାମ ଉଚ୍ଚ ବିଦ୍ୟାଳୟ ନିକଟ ଏକ ପୋଖରୀରୁ ଟିକାତାଳ ଗ୍ରାମର ସମୀର ନାୟକଙ୍କ ମୃତଦେହ ଜୁନ ୨୦ ତାରିଖରେ ପୋଲିସ ଜବତ କରିଥିଲା। ସେହି ସମୟରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୪) ରୁଜୁକରି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଥିଲା। ତେବେ ଘଟଣାକୁ ତିନିମାସ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାରକୁ ନ୍ୟାୟ ମିଳିପାରିଲା ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ୭ଦଫା ଦାବିରେ ମୃତକଙ୍କ ପରିବାର, ସମ୍ପର୍କୀୟ ଏବଂ ବିଭିନ୍ନ ସଙ୍ଗଠନ ବେଗୁନିଆ ଥାନା ଆଗରେ ଅନଶନରେ ବସିଥିଲେ।

ସୂଚନାଥାଉ କି, ସ୍ଥାନୀୟ ଚକାପଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟର ଚାଳକଭାବେ ସମୀର କାମ କରି ଜୀବିକା ନିର୍ବାହ କରୁଥିଲେ। ଜୁନ ୧୯ ତାରିଖ ରାତିରେ ସମୀର ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ୨୦ ତାରିଖ ସକାଳେ ଗଡ଼ତରା ଗ୍ରାମ ଉଚ୍ଚ ବିଦ୍ୟାଳୟ ନିକଟ ଏକ ପୋଖରୀରୁ ତାଙ୍କ ମୃତଦେହ ଜବତ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିବାକୁ ମୃତକଙ୍କ ପରିବାରକୁ କହିଥିଲା। ଘଟଣାକୁ ତିନି ମାସ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାର ଲୋକଙ୍କୁ ନ୍ୟାୟ ମିଳିଲାନାହିଁ। ମଙ୍ଗଳବାର ୭ ଦଫା ଦାବିରେ ମୃତକଙ୍କ ପରିବାର ଏବଂ ସମ୍ପର୍କୀୟମାନଙ୍କ ସହ ରାଜ୍ୟର ବିଭିନ୍ନ ପ୍ରମୁଖ ଆଦିବାସୀ ସଂଘ ଅନଶନରେ ବସିଥିଲେ। ମୃତ ସମୀରଙ୍କ ବାପା ଗୁଲୁବାସ, ମା'କୁନିଙ୍କ ସହିତ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ସୁରେଶ ମାନସିଂହ, ସୂଚନା ଅଧିକାର କର୍ମୀ ବିକାଶ ନାୟକ, ଏଏପି ନେତା କଳ୍ପତରୁ ପଣ୍ଡା, ଲକ୍ଷ୍ମଣ ସେଠୀ, କାହ୍ନୁ ବେହେରା ପ୍ରମୁଖ ଅନଶନରେ ବସିଥିଲେ। ଖବରପାଇ ଖୋର୍ଦ୍ଧା ଏସ୍‌ଡିପିଓ ଦାୟିତ୍ୱରେ

#### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ ଘଟଣା

ଥିବା ଅନିଲ ଦାସ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିବା ସହ ଉପଯୁକ୍ତ ତଦନ୍ତ କରାଯାଇ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ସମସ୍ତ ଦାବିକୁ ମାନିନେବାକୁ ଅନଶନକାରୀ କହିଥିଲେ। ଥାନାରେ ଦଲାଲ ବ୍ୟବସ୍ଥା ବନ୍ଦ, ଅଭିଯୋଗକାରୀଙ୍କୁ ଥାନାରେ ଦୁର୍ବ୍ୟବହାର ବନ୍ଦ, ଉକ୍ତ ମାମଲାର ତଦନ୍ତ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ ଆଦି ୭ଦଫା ଦାବି ରଖିଥିଲେ। ପରେ ସନ୍ଧ୍ୟାରେ ଏସ୍‌ଡିପିଓ ଦାସ ପହଞ୍ଚି ସମସ୍ତ ଦାବିକୁ ଗୁରୁତ୍ୱ ଦେବା ସହ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ହଟିଥିଲା।

## ବରିଷ୍ଠ ନାଗରିକଙ୍କ ସ୍ନେହ, ଶ୍ରଦ୍ଧା ପରିବାରରେ ଶାନ୍ତି ଆଣେ

ନିରାକାରପୁର,୧।୧୦
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ପ୍ରସନ୍ନ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୀନବନ୍ଧୁ କର, ଉପଦେଷ୍ଟା ରାମକୃଷ୍ଣ ପଟ୍ଟନାୟକ, ଉପସଭାପତି ସତ୍ୟ ନାରାୟଣ କର, କୋଷାଧ୍ୟକ୍ଷ ସର୍ବେଶ୍ୱର ପାହାଡ଼ସିଂହ, ସଭ୍ୟ ସତ୍ୟବାଦୀ ବଳବନ୍ତରାୟ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଉପରେ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେବା ସହିତ ସରକାର ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ଅବସରରେ ନିରାକାରପୁର ପୋଲିସ ଜରିଆରେ କେତେଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା/ଜଟଣୀ,୧।୧୦
(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଇଣ୍ଟେଗ୍ରେଟେଡ ଇନ୍‌ଫ୍ରାଷ୍ଟ୍ରକ୍ଚର କମ୍ପ୍ଲେକ୍ସ ଖୁଦୁପୁର ଜଟଣୀଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରାୟ ୩୦୦ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରେ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତାମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ନେଇ ଯୋଗ ଶିବିର ହୋଇଥିଲା। ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ହୋଇଥିଲା। ବରିଷ୍ଠ ନାଗରିକମାନେ ଭଜନ ପରିବେଷଣ କରିଥିଲେ। ଆୟୋଜିତ ସାଧାରଣ ସଭାରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଡିଏଓ ରାଜଶ୍ରୀ ପଟ୍ଟନାୟକ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଡ. ଯୁଗଳ କିଶୋର ସାହୁ, ଡିଏସ୍‌ଏସ୍‌ଓ ଦିଲୀପ କୁମାର ହିଆଲ, ଜଟଣୀ ନଗରପାଳ ଅନନ୍ତ ବେହେରା, ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ଉପସଭାପତି ଅରୁଣ କୁମାର ମହାନ୍ତି, ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଭକ୍ତବନ୍ଧୁ ଚୌଧୁରୀ, ଖୋର୍ଦ୍ଧା ବରିଷ୍ଠ ସଂଘ ସାଧାରଣ ସମ୍ପାଦକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଥିଲା। ସଭାପତିତ୍ୱ ଭାଷଣରେ ଅତିରିକ୍ତ ଜିଲାପାଳ ବେଉରା ବରିଷ୍ଠ ନାଗରିକମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ପ୍ରକାର ଯୋଜନା, ନିୟମାବଳୀ ଏବଂ ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ଶ୍ରୀହର୍ଷ ମିଶ୍ର ସ୍ମୃତି ବଧିର ବିଦ୍ୟାଳୟ, ଈଶ୍ୱର ମାନସିକ ଅଗ୍ରସର ବିଦ୍ୟାଳୟ ଏବଂ ଲୁଇସ୍ ବ୍ରେଲ ଦୃଷ୍ଟିବାଧିତ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଗୋକୁଳ ମୋହନ ରାୟଚୂଡ଼ାମଣିଙ୍କ ତ୍ୟାଗ ଅତୁଳନୀୟ

ଖୋର୍ଦ୍ଧା,୧।୧୦(ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣିଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ ଗୋକୁଳ ମୋହନ ରାୟଚୂଡ଼ାମଣି ସ୍ମୃତି ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଇନଜୀବୀ, ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାୟଚୂଡ଼ାମଣି ପୁରୀ ଜିଲାର ନିମାପଡ଼ାସ୍ଥିତ ଭୋଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଖୋର୍ଦ୍ଧାକୁ ନିଜର କର୍ମଭୂମି ଭାବେ ଗ୍ରହଣ କରିଥିଲେ। ଜଣେ ସାମ୍ୟବାଦୀ ଓ ଗାନ୍ଧୀବାଦୀ ନେତା ଭାବେ ଲବଣ ସତ୍ୟାଗ୍ରହ, ଭାଗଚାଷୀ ଆନ୍ଦୋଳନ, ଭାରତଛାଡ଼ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, ପ୍ରଜା ଆନ୍ଦୋଳନ, ଜମିଦାରି ପ୍ରଥା ଉଚ୍ଛେଦ, ସରୋବରାକାର ପ୍ରଥା ଉଚ୍ଛେଦ, ଖାସ୍‌ମାହାଲ ଆଇନକୁ ରଦ୍ଦ କରିବା ପାଇଁ ବିଭିନ୍ନ ସମୟରେ ବ୍ରିଟିଶ ବିରୋଧରେ ଆନ୍ଦୋଳନ କରି ବହୁବାର ବାଲେଶ୍ୱର, ପୁରୀ ଓ ପାଟଣା ଜେଲରେ କାରାବନ୍ଦୀ ହୋଇଥିଲେ। ଖୋର୍ଦ୍ଧାରେ ବିଦେଶୀ ବସ୍ତ୍ର ବର୍ଜନର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତ ସ୍ୱାଧୀନତା ଲାଭ କରିବା ପରେ ୧୯୪୭ ଅଗଷ୍ଟ ୧୫ରେ ଖୋର୍ଦ୍ଧାରେ ସେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସହଯୋଗୀ ଭାବେ ପ୍ରାଣନାଥ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ସହଯୋଗ କରିଥିଲେ। କମ୍ୟୁନିଷ୍ଟ ନେତା ଭାଗବତ ପାଣିଗ୍ରାହୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ସମସାମୟିକ ଥିଲେ। ତାଙ୍କ ରଚିତ ପୁସ୍ତକ ରକ୍ତସିକ୍ତ ଖୋର୍ଦ୍ଧାରେ ମୋ ସଂଗ୍ରାମ, ହଳେ ଚପଲ, ପଦାତିକ ଆଦି ଜନାଦୃତ ହୋଇଛି ବୋଲି ମତପ୍ରକାଶ ପାଇଥିଲା। ପ୍ରାଣନାଥ କଲେଜର ରୋଭର ରେଞ୍ଜର, ସ୍କାଉଟ୍ସ ଗାଇଡ୍ସମାନଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ରାୟଚୂଡ଼ାମଣିଙ୍କ ସୁକନ୍ୟା ମନ୍ଦିରା ରାୟଚୂଡ଼ାମଣି ପୁରସ୍କୃତ କରିଥିଲେ। ଏହି ଶ୍ରାଦ୍ଧୋତ୍ସବରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ କୁଳପତି ମେଜର କ୍ଷୀରୋଦ ମହାନ୍ତି, ଆଇନଜୀବୀ ନରେନ୍ଦ୍ର ପୃଷ୍ଟି, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଆଇନଜୀବୀ ଡ. ବୃନ୍ଦାବନ ପଣ୍ଡା, ଶିଶିର ପରିଡ଼ା, ବିଜୟ ସାମନ୍ତସିଂହାର, ଭବାନୀ ଦାଶ, ନିରଞ୍ଜନ କର, ସତ୍ୟବାଦୀ ବଳିୟାରସିଂହ, ଇତିଶ୍ରୀ ସାହୁ, ବାସନ୍ତୀ ମହାପାତ୍ର, ପ୍ରମୋଦ ଦାସ, ବିଭୁପ୍ରସାଦ ହରିଚନ୍ଦନ, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବୀପ୍ରସାଦ ମଜୁମଦାର, ପ୍ରଫୁଲ୍ଲ ସାମନ୍ତରାୟ, ସୁବାସ ସାମନ୍ତରାୟ, ଜ୍ଞାନ ଦାସ, ବିମଳ ସାମନ୍ତରାୟ, ଗଦାଧର ରଥଙ୍କ ସମେତ ପ୍ରାଣନାଥ ମହାବିଦ୍ୟାଳୟ ସ୍କାଉଟ୍‌ଓ ଗାଇଡ୍‌ର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା

ଜଟଣୀ,୧।୧୦(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପଖୱାଡା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍.ବାଜୱା ସମସ୍ତ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ନିଜକୁ ସ୍ୱଚ୍ଛ ରଖିବା ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ପ୍ରତି ଉତ୍ସାହିତ କରିବା ପାଇଁ ଶପଥପାଠ କରାଇଥିଲେ। ସ୍ୱଚ୍ଛତା କାର୍ଯ୍ୟକଳାପ ପ୍ରତି ସପ୍ତାହରେ ଦୁଇ ଘଣ୍ଟା ଉତ୍ସର୍ଗ କରିବାକୁ ଏବଂ ସମସ୍ତଙ୍କୁ ସ୍ୱଚ୍ଛ ଭାରତ ମିଶନର ବାର୍ତ୍ତା ପ୍ରଚାର କରିବା ପାଇଁ ପ୍ରତିଶ୍ରୁତି ନେଇଥିଲେ। ଏହି ଅବସରରେ ଖୋର୍ଦ୍ଧାରୋଡ୍ ସ୍କାଉଟ ଏବଂ ଗାଇଡ ପିଲାମାନଙ୍କ ଦ୍ୱାରା ସଚ୍ଛ ଭାରତ ଉପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଖୋର୍ଦ୍ଧାରଡ୍ ରେଳମଣ୍ଡଳ ଅନ୍ତର୍ଗତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ କର୍ମଚାରୀମାନେ ସ୍ୱଚ୍ଛତା ଶପଥ ନେଇଛନ୍ତି। ସ୍ୱଚ୍ଛତା ପଖୱାଡା ଅବସରରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ଇଏନ୍‌ଏଚ୍‌ଏମ୍ ୱିଙ୍ଗ ଦ୍ୱାରା ଷ୍ଟେଶନ ପରିସର, ଟ୍ରେନ, ଅଫିସ, କ୍ୟାଣ୍ଟିନ, ଖାଦ୍ୟ ଷ୍ଟଲ ଏବଂ ରେଲୱେ କଲୋନୀ ଆଦି ଅଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ତଥା ସଚେତନତା କାର୍ଯ୍ୟକ୍ରମ ପାଇଁ ଯୋଜନା କରାଯାଇଥିବା ମଣ୍ଡଳ ରେଲୱେ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ



ଜିଲା ପ୍ରେସ କ୍ଲବର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖୋର୍ଦ୍ଧା,୧।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଏମ୍‌ଓ ଆଣ୍ଡ ପିଏଚ୍‌ଓ)ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିରକୁ ସିଏମ୍‌ଓ ଆଣ୍ଡ ପିଏଚ୍‌ଓ ଡା. ରାଜଶ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପରେ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ କାର୍ଯ୍ୟକ୍ରମ ହୋଇଥିଲା। ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଏବଂ ଭାରପ୍ରାପ୍ତ ରକ୍ତଭଣ୍ଡାର ଅଧିକାରୀ ଡା. ରଘୁନାଥ ନାୟକ ସଭାପତିତ୍ୱ ଭାଷଣରେ କହିଥିଲେ, ପ୍ରତିବର୍ଷ ୧୨୦୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟୁଛି। ୫୦ ପ୍ରତିଶତ ଗୁରୁତର ଅସ୍ତ୍ରୋପଚାର କ୍ଷେତ୍ରରେ ରକ୍ତର ଆବଶ୍ୟକତା ରହିଥାଏ। ଥାଲାସିମିଆ, ସିକଲସେଲ ଓ ହେମୋଫିଲିଆ ରୋଗୀଙ୍କୁ ରକ୍ତ ଆବଶ୍ୟକ ହୋଇଥାଏ। ରକ୍ତବିନା ଏମାନେ ବଞ୍ଚିପାରିବେ ନାହିଁ। ଏକ ୟୁନିଟ ରକ୍ତରେ ୩ରୁ ୪ଜଣଙ୍କ ଜୀବନ ରକ୍ଷା କରାଯାଇପାରିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ

#### ୨୦ ଅନୁଷ୍ଠାନ ପୁରସ୍କୃତ

ସୂଚନା ଅନୁଯାୟୀ, ଭାରତରେ ପ୍ରତିବର୍ଷ ଏକ କୋଟି ୟୁନିଟ୍ ରକ୍ତ ଆବଶ୍ୟକ ହୋଇଥାଏ। ତେବେ ବିଭିନ୍ନ ଶିବିର ଏବଂ ଅନ୍ୟାନ୍ୟ ଉପାୟରେ କେବଳ ୭୫ଲକ୍ଷ ରକ୍ତ ସଂଗ୍ରହ ହୋଇଥାଏ। ଏଥିଲାଗି ପ୍ରତ୍ୟେକ ଯୁବସମାଜ ଆଗେଇ ଆସିବା ଦରକାର। ସେହିପରି ଡା. ପଟ୍ଟନାୟକ କହିଥିଲେ, ରକ୍ତଦାନ ଏକ ମହତ୍ କାମ। ଗୋଟିଏ ୟୁନିଟ ରକ୍ତ ତିନିରୁ ଚାରି ଜଣ ରୋଗୀଙ୍କ ମୁଖରେ ହସ ଫୁଟାଇଥାଏ। ଏହା ଏକ ଈଶ୍ୱରୀୟ କାର୍ଯ୍ୟ। ଗ୍ରାମାଞ୍ଚଳରେ ମଧ୍ୟ ରକ୍ତଦାନ ଶିବିର ଆୟୋଜନ ଉପରେ ଗୁରୁତ୍ୱ ଦେବା ସହ ରକ୍ତଦାତାମାନେ ଦେବଦୂତ ସମାନ ବୋଲି କହିଥିଲେ। ଏହି ଅବସରରେ ବର୍ଷାସାରା ରକ୍ତଦାନ ଶିବିର ଆୟୋଜନ କରିଥିବା ୨୦ଟି ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିପିଏମ୍ ପ୍ରକାଶ ବାନାର୍ଜୀ ଉପସ୍ଥିତ ଥିଲେ। ଡିପିଏଚ୍‌ଓ ପ୍ରସନ୍ନ ମହାପାତ୍ର ସଂଯୋଜନା କରିଥିଲେ। ରକ୍ତଭଣ୍ଡାର ସିନିୟର ଟେକ୍ନିସିଆନ ଅରୁଣ ସାହୁ, ବିଚିତ୍ରିତା ପୁହାଣ, ଝୁନୁଲତା ସାହୁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗ୍ରାମୀଣ ଅର୍ଥନୀତିର କେନ୍ଦ୍ର ଗୋବଂଶ

ଖୋର୍ଦ୍ଧା,୧।୧୦(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ସଂସ୍କୃତିର ପ୍ରତୀକ ଗୋବଂଶ। ଦେଶର ଗ୍ରାମୀଣ ଆର୍ଥିକ ବ୍ୟବସ୍ଥାର ବିକାଶ ଗୋଂବଶକୁ ପାଥେୟ କରି କରାଯାଇପାରିବ। ଦେଶର ଆର୍ଥିକ ମେରୁଦଣ୍ଡ ହେଉଛି ଗୋବଂଶ। ଜାତୀୟ ସ୍ତରରେ ମାନ୍ୟତାପ୍ରାପ୍ତ ଗୋଂବଶ ବିଲୁପ୍ତ ହେବାକୁ ବସିଲାଣି। ଭାରତୀୟ ଗୋବଂଶ ଉପକାରୀ ଏବଂ ଉପଯୋଗୀ। ଗାଈର ଗୋବର, ଗୋମୂତ୍ର, ଗୋଦୁଗ୍ଧ, ଗୋଘୃତକୁ ବ୍ୟବହାର କରି ଜୈବିକ କୃଷି, ଏବଂ ପଞ୍ଚଗବ୍ୟ ଔଷଧୀ ନିର୍ମାଣ ସହ କୁଟୀରଉଦ୍ୟୋଗ ସ୍ଥାପନ ହୋଇପାରିବ। ଗୋବଂଶର ସୁରକ୍ଷା, ସମ୍ବର୍ଦ୍ଧନା, ବିକାଶ ନିତାନ୍ତ ଜରୁରୀ ବୋଲି ବିଶ୍ୱହିନ୍ଦୁ ପରିଷଦ(ବିଏଚ୍‌ପି) ଖୋର୍ଦ୍ଧା ପ୍ରଖଣ୍ଡ ପକ୍ଷରୁ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଗୋବଂଶ ସୁରକ୍ଷା ଓ ଜୈବିକ କୃଷି ଶୀର୍ଷକ ଆଲୋଚନାଚକ୍ରରେ ବିଏଚ୍‌ପି ବିଭାଗ ସମ୍ପାଦକ ବିଭୁରେନ୍ଦ୍ର ବିଦ୍ୟାଧର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୁଣନିଧି ମହାପାତ୍ର, ସନ୍ତୋଷ ଶ୍ରୀଚନ୍ଦନ, ନରେନ୍ଦ୍ର କୁମାର ସାହୁ, କରୁଣାକର ଛୋଟରାୟ, ପ୍ରଫୁଲ୍ଲ ବେହେରା, ସୁବାସ ଚନ୍ଦ୍ର ସାହୁ, ସମରେନ୍ଦ୍ର ଶତପଥୀ, ବ୍ରଜକିଶୋର ସାହୁ, ସଂଗ୍ରାମ ଜୟସିଂହଙ୍କ ସମେତ ଏକାଧିକ ଚାଷୀ ଯୋଗଦେଇଥିଲେ। ଭାରତମାତାଙ୍କ ପୂଜନ ଓ ଗୋବନ୍ଦନା କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କ ଅଧିକାର, ସୁରକ୍ଷାକୁ ଗୁରୁତ୍ୱ

ଖୋର୍ଦ୍ଧା,୧।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ମଙ୍ଗଳାନଗର ରୋଟାରୀ ଭବନରେ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ରଞ୍ଜୁଲତା ଲେଙ୍କା ଉଦ୍‌ଘାଟନ କରିଥିଲେ। ମହିଳା କୋର୍ଟ ଜଜ୍ ରେଖାରାଣୀ ନାୟକ, ଦେୱାନୀ ଜଜ୍(ବରିଷ୍ଠ) ରାଜେଶ ରୋଶନ ନନ୍ଦ, ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଦେୱାନୀ ଜଜ୍(କନିଷ୍ଠ) ପ୍ରଭାତ କୁମାର ସାମଲ, ପ୍ରୋବେଶନ ଅଧିକାରୀ ସୁଶ୍ରୀ ଦେବସ୍ମିତା, ରୋଟାରୀ କ୍ଲବ କାର୍ଯ୍ୟକାରୀ ସମ୍ପାଦକ ରୋଟାରିଆନ ଦେବପ୍ରସାଦ ମଜୁମ୍‌ଦାର, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର, ପ୍ରଫେସର ସୁକାନ୍ତ ନାୟକ, ନରସିଂହ ପ୍ରସାଦ ପଟ୍ଟନାୟକ, ଆଇନ ମହାବିଦ୍ୟାଳୟ ସମ୍ପାଦକ ସୁଧୀର ମାନସିଂହ, କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ଛୋଟରାୟ, ସ୍ୱତନ୍ତ୍ର ସହକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ, ଜିଲା ଓକିଲ ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର, ସମ୍ପାଦକ ପ୍ରଭଞ୍ଜନ ଜେନା, ଆଇନଜୀବୀ ବସନ୍ତ ଦାସ, ପୁଷ୍ପାଞ୍ଜଳି ବଡ଼ଜେନା, ବିକ୍ରମ କେଶରୀ ଚମ୍ପତି, କୃଷ୍ଣ ଦଳବେହେରା, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନଙ୍କ ଅଧିକାର, ସୁରକ୍ଷା ଉପରେ ବିଚାରପତିମାନେ ଆଲୋକପାତ କରିଥିଲେ। ତାଲୁକ ଆଇନ ସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିବା ବେଳେ ମଞ୍ଚ ସମ୍ପାଦକ ରାମଶଙ୍କର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।




## କବି ଗୋଦାବରୀଶ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ବାଣପୁର/ଜଟଣୀ,୧।୧୦
(ଦିଲୀପ ସ୍ୱାଇଁ/ରବୀନ୍ଦ୍ରନାଥ ମହାକୁଡ଼)

କବି ଗୋଦାବରୀଶ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ବାଣପୁରର ଶହୀଦ କୃତିବାସ ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଚିଲିକା ସାହିତ୍ୟ ସମାଜ ଓ ବାଣପୁର ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସହାରୋହରେ ସାହିତ୍ୟ ସମାଜର ସଭାପତି ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ସଭାପତିତ୍ୱ କରିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି, ଡ.ଉପେନ୍ଦ୍ର ପ୍ରସାଦ ନାୟକ ବିଶିଷ୍ଟ ଅତିଥି, ପ୍ରଫେସର ଆଦିକନ୍ଦ ସାହୁ ମୁଖ୍ୟ ବକ୍ତା, ସାହିତ୍ୟିକ ଶଶି ଭୂଷଣ ରଥ ସମ୍ମାନୀୟ ବକ୍ତା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୋଦାବରୀଶଙ୍କ ବହୁମୁଖୀ




ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ପ୍ରତିଭାର କଥା ବର୍ଣ୍ଣନା କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶାଳିଆ ସାଂସ୍କୃତିକ ପରିଷଦର ଚିରଞ୍ଜି ପରିଡ଼ା ଓ ସାଥିଙ୍କ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା କବିଙ୍କ ରଚନାରୁ 'ଉଠ କଙ୍କାଳ' ଏବଂ ଉଦ୍‌ବୋଧନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟ ଏକାଡ଼େମୀର ସହସଚିବ ସଞ୍ଜୟ ଛୁଆଳସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଜଟଣୀ ବ୍ଲକ ଅଧୀନ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ କବି ଗୋଦାବରୀଶ ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କବି ଗୋଦାବରୀଶଙ୍କ ସାରସ୍ୱତ କୃତିର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ. ଅଜୟ ବିଶ୍ୱାଳ ଯୋଗଦେଇ ସାମ୍ପ୍ରତିକ ସମୟରେ କବି ଗୋଦାବରୀଶଙ୍କ କବିତାର ପ୍ରାସଙ୍ଗିକତା ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପକ ଡ.ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ଗୋଦାବରୀଶଙ୍କ ବିଭିନ୍ନ ସାରସ୍ୱତ କୃତୀର ଅବତାରଣା କରିଥିବା ବେଳେ ଛାତ୍ରୀ ପ୍ରୀତି ପ୍ରତୀକ୍ଷା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅବ୍ୟବସ୍ଥାରେ ସାକ୍ଷୀଗୋପାଳ ମନ୍ଦିର


ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆସି ବିଶ୍ରାମସ୍ଥଳ ନ ଥିବାରୁ ଯାତ୍ରୀମାନେ ରାସ୍ତାରେ ଶୋଇଛନ୍ତି ।

**ସାକ୍ଷୀଗୋପାଳ,୧।୧୦(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)**

ଚାରିଧାମ ତୀର୍ଥଯାତ୍ରାର ସାକ୍ଷୀ କ୍ଷେତ୍ର ଭାବେ ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିର ବେଶ ପ୍ରସିଦ୍ଧ। ବର୍ଷତମାମ ଏଠାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ତୀର୍ଥଯାତ୍ରୀଙ୍କ ସମାଗମ ଲାଗି ରୁହେ। ଶ୍ରୀକ୍ଷେତ୍ରରେ ବାର ମାସରେ ତେର ଯାତ ସହିତ ଗଙ୍ଗାସାଗର ବୁଡ଼, ବାରୁଣି ସ୍ନାନ, ଗୟାରେ ପିଣ୍ଡଦାନ, କୁମ୍ଭମେଳା ଆଦି ସ୍ୱତନ୍ତ୍ର ପର୍ବରେ ଏଠାରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ପୁରୀ ଯିବା ସମୟରେ ହେଉ ଅବା ଫେରିବାବେଳେ ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କୁ ସାକ୍ଷୀ ଦେବାକୁ ଯାତ୍ରୀମାନେ ଆସିଥାନ୍ତି। ଏକ ସମୟରେ ଆସୁଥିବା ହଜାର ହଜାର ତୀର୍ଥଯାତ୍ରୀଙ୍କୁ ସାମାନ୍ୟତମ ମୌଳିକ ସୁବିଧା ଯୋଗାଇଦେବାରେ ମନ୍ଦିର ପ୍ରଶାସନଠାରୁ ସ୍ଥାନୀୟ ପ୍ରଶାସନ ଏପରିକି ସେବାୟତ ସଙ୍ଗଠନ ଆଖି ବୁଜି ଦେଉଛି। ସ୍ଥାନୀୟ ରାଜନେତା ଏବଂ ଉଚ୍ଚପଦସ୍ଥ ଅଧିକାରୀ ଏ ଦିଗରେ କେବଳ ବର୍ଷବର୍ଷ ଧରି ମିଛ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ରାଜ୍ୟ ଦେବୋତ୍ତର କମିଶନରଙ୍କ ଅଧୀନରେ ଥିବା ଏହି ପୁରାତନ ମନ୍ଦିରର ଦେବନୀତି ପରିଚାଳନା, ଆୟବ୍ୟୟ ଓ ଦୈନନ୍ଦିନ ସାଧାରଣ ପରିଚାଳନା ନିମନ୍ତେ ଏଠାରେ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ରହିଛି। ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ ପରିଚାଳନା ପାଇଁ ସାକ୍ଷୀଗୋପାଳ ମନ୍ଦିର ନିମନ୍ତେ ଦେବୋତ୍ତର ବିଭାଗ ଏକ ସ୍କିମ୍ ବୋର୍ଡ କାର୍ଯ୍ୟକାରୀ କରିଛନ୍ତି। ତଦନୁଯାୟୀ, ମନ୍ଦିର ସ୍ଥାୟୀ କମିଟି ଗଠନକୁ ଉପେକ୍ଷା କରାଯାଇ ବାରମ୍ବାର କାମଚଳା କମିଟି କରାଯାଉଛି। ଏବେ ପରିଚାଳନା କମିଟିରେ ସତ୍ୟବାଦୀ ତହସିଲଦାର, ଆଇଆଇସି, ବିଡିଓ, ପ୍ରାଣୀ ଚିକିତ୍ସକଙ୍କ ସହିତ ସ୍ଥାନୀୟ ଜଣେ ସେବାୟତଙ୍କୁ ଦାୟିତ୍ୱ ଦିଆଯାଇଛି। ମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଥିଲେ ମଧ୍ୟ ଅବ୍ୟବସ୍ଥାରେ ସୁଧାର ଆସୁନାହିଁ। ଦୈନନ୍ଦିନ ଠିକ୍ ସମୟରେ ଠିକଣା ଦେବନୀତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ସହିତ ମନ୍ଦିର ନିକଟରେ ମୌଳିକ ଓ ପ୍ରାଥମିକ ସୁବିଧା ଯୋଗାଇଦେବା ନେଇ ମନ୍ଦିର ପ୍ରଶାସନ ଓ ସେବାୟତ ସଙ୍ଗଠନ ଉଭୟ ଉତ୍ତରଦାୟୀ ରହିବା କଥା, ମାତ୍ର ଏଦିଗରେ କାହାର ତତ୍ପରତା ନାହିଁ। ଯାତ୍ରୀମାନେ ଆର୍ଥିକ ଶୋଷଣର ସମ୍ମୁଖୀନ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ପୁରୀ ଜିଲା ସହ ରାଜ୍ୟ ତଥା ରାଜ୍ୟ ବାହାରେ ସାକ୍ଷୀଗୋପାଳ ଠାକୁରଙ୍କ ରହିଥିବା ଶହଶହ ଏକର ଭୂସମ୍ପତ୍ତିରେ ଆୟ, ପୋଖରୀ, ନଡ଼ିଆ ବଗିଚା, ଧାନ, କେତକୀ, ଗୁଆ ଓ ବଦାନ୍ୟ ବ୍ୟକ୍ତିଙ୍କ ଦାନ ଦକ୍ଷିଣା, ଘରଭଡ଼ା ଓ ବ୍ୟାଙ୍କ ସୁଧ ଆଦି ବିଭିନ୍ନ ସୂତ୍ରରୁ ଲକ୍ଷ ଲକ୍ଷ ଟଙ୍କାର ଆୟ ତୀର୍ଥଯାତ୍ରୀଙ୍କ ସେବାରେ ଲାଗୁନି। ଏପରିକି ଅନେକ କ୍ଷେତ୍ରରେ ଏହାର ଦୁରୁପଯୋଗ କରାଯାଉଛି। ସବୁ ଆଇକାନୁନ ଏଠି ଯେମିତି ଫେଲ୍ ମାରିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ପାର୍କିଂ ସ୍ଥଳରୁ ଦୈନିକ ହଜାର ହଜାର ଟଙ୍କା ଆଦାୟ କରାଯାଉଛି। ମାତ୍ର ଯାତ୍ରୀଙ୍କ ପାଇଁ ବିଶ୍ରାମାଗାର, ରୋଷେଇ ବ୍ୟବସ୍ଥା, ଶୌଚାଳୟ, ପାନୀୟ ଜଳ, ବିଶ୍ରାମ ଓ ରାତ୍ରି ରହଣି, ଆଲୋକୀକରଣ ବ୍ୟବସ୍ଥା ବର୍ଷବର୍ଷ ଧରି ଏଠି ସାତ ସପନ ହୋଇଛି। କେତେ ରାଜନେତା ବଦଳିଲେଣି, କେତେ ଅଧିକାରୀ ଗଲେଣି, ସରକାର ମଧ୍ୟ ପରିବର୍ତ୍ତନ ହେଲାଣି। ହେଲେ କେବଳ ସମୀକ୍ଷା, ମିଛ ପ୍ରତିଶ୍ରୁତି, ପରିଦର୍ଶନରେ ସୀମିତ ରହିଛି ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳ ଉନ୍ନୟନ। ପ୍ରତିବର୍ଷ ସାକ୍ଷୀଗୋପାଳଙ୍କ ପବିତ୍ର ଅଁଳା ନବମୀ ଯାତ୍ରା ନିମନ୍ତେ ଯେମିତି ପ୍ରଶାସନ, ରାଜନେତା, ସେବାୟତ ସଙ୍ଗଠନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଳଚଞ୍ଚଳ ହୋଇଉଠନ୍ତି। ରାସ୍ତା, ପାଣି, ବିଦ୍ୟୁତ୍, ଶୌଚାଳୟ, ଆଇନ ଶୃଙ୍ଖଳା ବ୍ୟବସ୍ଥା ପ୍ରତ୍ୟେକ ବିଭାଗ ଧାର୍ଯ୍ୟ ସମୟରେ କରିଥାଏ। ମାତ୍ର ବିବାହ ପରେ ବେଦିମୁହଁ ପୋଡ଼ା ଭଳି ଅଁଳା ନବମୀ ଯାତ୍ରା ପରେ ଆସନ୍ତା ବର୍ଷ ସେଇ ପର୍ବକୁ ଅଞ୍ଚଳବାସୀ ପ୍ରତୀକ୍ଷା କରି ରହି ଆସୁଛନ୍ତି। ଏଭଳି ଦୟନୀୟ ପରିସ୍ଥିତିରେ ମନ୍ଦିର ପରିଚାଳନା ଚାଲିଥିବା ଘଟଣା ହାଟରେ ପଡ଼ି ଦାଣ୍ଡରେ ଗଡୁଥିଲାବେଳେ ଦେବୋତ୍ତର ବିଭାଗ ମନ୍ଦିର ପ୍ରଶାସନକୁ ଘଣ୍ଟ ଘୋଡ଼ାଇ କେତେଦିନ ସାଧାରଣ ଲୋକଙ୍କୁ ବାଟବଣା କରିଚାଲିଥିବ, ଏନେଇ ନାନା ପ୍ରଶ୍ନ ଉଠୁଛି। ଏଠାରେ ଚାଲୁଥିବା ଲକ୍ଷଲକ୍ଷ ଟଙ୍କାର ଦୁର୍ନୀତିରେ ପରିଚାଳନା ପରିଷଦର ସମ୍ପୃକ୍ତି ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସକୁ ଗୁରୁତ୍ୱ ଦେଇ ଠାକୁରଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ କାହା ମନରେ ଦୟା ଓ ସହାନୁଭୂତି ନାହିଁ। ପରିବାର ସହିତ ଆସୁଥିବା ସ୍ତ୍ରୀ ଲୋକ ଓ ଯୁବତୀମାନେ ମଧ୍ୟ ଠାକୁରଙ୍କ ବିଜେ ଦାଣ୍ଡରେ ଅତି କଷ୍ଟରେ ଶୌଚାଳୟ ଅଭାବରୁ ଶୌଚ ହେଉଥିବା ଦେଖାଯାଉଛି। ଏପରିକି ହାଇସ୍କୁଲ, ସେବକ ସାହି ରାସ୍ତା ପାର୍ଶ୍ୱ, ବସୁକେରା ଗ୍ରାମ ରାସ୍ତା ପାର୍ଶ୍ୱରେ ଦୈନିକ ଯାତ୍ରୀମାନେ ଶୌଚ ହେବା ସହ ମଳ, ମୂତ୍ର ତ୍ୟାଗ କରୁଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇଗଲେଣି।

### ଏମାନେ କ'ଣ କୁହନ୍ତି...

ସମସ୍ୟା ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ। ଦେବୋତ୍ତର ବିଭାଗ ସହକାରୀ କମିଶନରଙ୍କ ଅନୁମତି ମିଳିଲେ ସେ ଗଣମାଧ୍ୟମକୁ ଉତ୍ତର ଦେବେ ବୋଲି କହିଥିଲେ।
**–ବିଶ୍ୱବାସୀ ତ୍ରିପାଠୀ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ**

ଯାତ୍ରୀଙ୍କ ଏହିସବୁ ପ୍ରମୁଖ ସମସ୍ୟା ଓ ମନ୍ଦିର ସମସ୍ୟା ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କେବେହେଲେ ଆମକୁ ସହ ଯୋଗାଯୋଗ କରିନାହାନ୍ତି। ଆଶ୍ଚର୍ଯ୍ୟର କଥା, କେବଳ ଅଁଳା ନବମୀରେ ଠାକୁରଙ୍କ ବର୍ଷ ତମାମ ଯାତ୍ରୀଙ୍କ ପ୍ରାଧାନ୍ୟକୁ ମନ୍ଦିର ପ୍ରଶାସକ ଗୁରୁତ୍ୱ ଦେଇଥାଏ। କିନ୍ତୁ ଅନେକ ଥର ପରିଚାଳନା ପରିଷଦ ବୈଠକ ଡାକିବା ଜରୁରୀ ।
**–ଉମେଶ କୁମାର ସାହୁ, ସତ୍ୟବାଦୀ ଥାନା ଆଇଆଇସି**

ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ନିଷ୍କ୍ରିୟତା କାରଣରୁ ମନ୍ଦିରକୁ ଆସୁଥିବା ଯାତ୍ରୀମାନେ ବସୁକେରା ଗ୍ରାମ ରାସ୍ତାରେ ଶୌଚ ଓ ମଳ, ମୂତ୍ର ତ୍ୟାଗ କରୁଛନ୍ତି। ଫଳରେ ଏହି ପଞ୍ଚାୟତ ସ୍ୱଚ୍ଛ ଭାରତ ମିଶନରୁ ବାଦ୍ ପଡ଼ିଛି।
**–ଚିନ୍ମୟ ରାଉତ, ପେଣ୍ଟପଡ଼ା ପଞ୍ଚାୟତ ସରପଞ୍ଚ**

ମନ୍ଦିରରେ ଠିକ୍ ସମୟରେ ଦେବନୀତି କରାଯାଉନାହିଁ। ସେବାୟତମାନେ ମନଇଚ୍ଛାରେ ଠାକୁରଙ୍କ ସେବା କାର୍ଯ୍ୟ କରୁଛନ୍ତି। ସେହିଭଳି ମନ୍ଦିର ପ୍ରଶାସନ ଓ ସେବାୟତ ସଙ୍ଗଠନ ୨ଟି ଯାକ ଅନୁଷ୍ଠାନ ଯାତ୍ରୀଙ୍କଠାରୁ ଅର୍ଥ ଉପାର୍ଜନ କରୁଥିବାବେଳେ ଯାତ୍ରୀଙ୍କ ମୌଳିକ ସମସ୍ୟାକୁ ଅଣଦେଖା କରି ଏଭଳି ସମସ୍ୟା ସୃଷ୍ଟି କରୁଛନ୍ତି। ମନ୍ଦିର ପ୍ରଶାସକ ମନ୍ଦିର ପରିଚାଳନାରେ ଶତ ପ୍ରତିଶତ ବିଫଳ ହୋଇଛନ୍ତି।
–ବିଜୟ କୁମାର ନନ୍ଦ, ସେବାୟତ ସଂଘ ସମ୍ପାଦକ

## ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ କୃଷିବିଜ୍ଞାନ କେନ୍ଦ୍ର ପରିଦର୍ଶନ



କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଭାପତି ଓ ଅନ୍ୟମାନେ ।

**ସାକ୍ଷୀଗୋପାଳ,୧୦।୧୦(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀରେ ଥିବା କୃଷି ବିଜ୍ଞାନ କେନ୍ଦ୍ରକୁ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଛନ୍ତି। ଏହି ସମୟରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ସମେତ ଅନ୍ୟମାନେ ରାଜ୍ୟ ସଭାପତି ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେ କୃଷି ବିଜ୍ଞାନ କେନ୍ଦ୍ରରେ ବିଭିନ୍ନ ଚାଷ ଉପରେ ହେଉଥିବା ଗବେଷଣାମୂଳକ ଫସଲକୁ ବୁଲି ଦେଖିବା ସହ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ ଚାଷୀ ସମ୍ମିଳନୀରେ ଯୋଗଦେଇଥିଲେ। ଉପସ୍ଥିତ ଚାଷୀଙ୍କୁ ରାଜ୍ୟ ସଭାପତି ସାହୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରର ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ଜଙ୍ଗଲ ଅବକ୍ଷୟକୁ ରୋକିବା ନିମନ୍ତେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ କରିବା ସହ ଉପସ୍ଥିତ ଚାଷୀଙ୍କୁ ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦଚନ୍ଦ୍ର ପ୍ରଧାନ, କୃଷକ ମୋର୍ଚ୍ଚା ଜିଲା ସଭାପତି ଅଜୟ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପ୍ରଭାତ ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବରାଳ, ରଞ୍ଜନ ବରାଳ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅକ୍ଷୟ ମହାନ୍ତି, ଜୟନ୍ତ ପ୍ରଧାନ, ଅମ୍ବିକା ପ୍ରସାଦ ନାୟକ, ଦୀପଶିଖା ପରମଜିତା, ସୁମିତା ଆଚାର୍ଯ୍ୟ, ସାର୍ଥକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣି ନିଲାମକୁ ବିରୋଧ, ତହସିଲଦାରଙ୍କୁ ଦାବିପତ୍ର

**ଡେଲାଙ୍ଗ,୧।୧୦(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ତହସିଲ ଅଞ୍ଚଳର ଖାରପଡ଼ା ମୌଜାର ପତିତ, ଅନାବାଦୀ, ଗୋଚର ଓ ସରକାରୀ ଜଙ୍ଗଲ ଜମିକୁ ନିଲାମ ନ ଦେବାକୁ ଦାବି କରାଯାଇଛି। ଏନେଇ ମହିଳା ସଭାନେତ୍ରୀ ନିରୁପମା ପାତ୍ର ଏକ ଦାବିପତ୍ର ତହସିଲଦାର ସନ୍ତୋସିନୀ ଦାଶଙ୍କୁ ପ୍ରଦାନ କରିଛନ୍ତି। ପୂର୍ବରୁ ଏହି ଜମିଗୁଡ଼ିକରେ ୨୦୨୧ ମସିହାରେ ତହସିଲଦାରଙ୍କ ପକ୍ଷରୁ ବେଆଇନ ଖଣି ଖନନ ନେଇ ୧୪୪ ଧାରା ଜାରି କରାଯାଇଥିଲା। ଯମୁନା ଖାରପଡ଼ା ମୌଜାର ଅନାବାଦୀ, ଗୋଚର ଓ ଜଙ୍ଗଲକୁ ବେଆଇନ ଭାବେ ଖଣି ମାଫିଆମାନେ ପଥର ଖନନ କରି ଚୋରାରେ ବିକ୍ରୟ କରୁଥିବା ସେ ସମୟରେ ଅଭିଯୋଗ ହୋଇଥିଲା। ଖାତା ନଂ. ୬୩୨ର ପ୍ଲଟ ନଂ. ୨୦୪, ୨୦୬ ଓ ୭୨୨ ଗୋଚର, ୨୦୮ ଜଙ୍ଗଲ, ଖାତା ନଂ. ୬୩୧ର ୨୦୫ ଓ ୨୦୭ର କିସମ ରାସ୍ତା ରହିଛି। ମୋଟ ୩୨୫ ଏକର ଉପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ନିଲାମ ଦେବା ଦ୍ୱାରା ସେଠାରୁ ମୋରମ ଓ ପଥର ଖୋଳି ବିକ୍ରୟ କରିବା ଯୋଗୁ ଜଙ୍ଗଲ ଜମି ନଷ୍ଟ ହେବା ସହ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ବିଗତ ଦିନରେ ଖଣିଖନନକୁ ନେଇ ସ୍ଥାନୀୟ ଅଞ୍ଚଳରେ ହିଂସା ଦେଖାଦେଇଥିଲା। ଏନେଇ ତହସିଲଦାର ଦାଶ କହିଛନ୍ତି, ଖଣି ଦାୟିତ୍ୱ ମାଇନ୍ସ ବିଭାଗକୁ ଦିଆଯାଇଛି। ଖନନ ରୋକିବା ଦାୟିତ୍ୱ ତାଙ୍କର ନୁହେଁ, ମାଇନ୍ସ ବିଭାଗର। ତେଣୁ ସେଠାରେ ଅଭିଯୋଗ କଲେ, ସେମାନେ ନିର୍ଦ୍ଦେଶ ଦେଲେ ସେ ଚଢ଼ାଉ କରିବେ ବୋଲି କହିଥିଲେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**କଣାସ,୧।୧୦(ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା କଣାସ ବ୍ଲକର ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜରାନିବାସ ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ନଗେନ୍ଦ୍ର ନାଥ ସୁନ୍ଦରାୟ, ଶିକ୍ଷାବିତ୍ ତଥା ସାହିତ୍ୟ ଏକାଡେମୀରୁ ପୁରସ୍କାର ଗ୍ରହଣ କରିଥିବା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପଟ୍ଟନାୟକ, ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ଅନୁଷ୍ଠାନ ଅଧ୍ୟକ୍ଷ ଶିକ୍ଷାବିତ୍ କସ୍ତୁରୀ ଚରଣ ଚମ୍ପତି ଅତିଥି ଭାବେ ଯୋଗଦେଇଥିଲେ। ଜରାନିବାସରେ ଆଶ୍ରୟ ନେଉଥିବା ବୃଦ୍ଧାବୃଦ୍ଧ କୌଣସି ଚିନ୍ତା ନ କରି ଶେଷ ଜୀବନରେ ଭଗବାନଙ୍କ ନାମ ନେବାକୁ ପରାମର୍ଶ ଦେବା ସହ ପ୍ରତ୍ୟେକ ପୁଅ, ଝିଅ ମାତାପିତାଙ୍କୁ ଭଗବାନ ରୂପେ ପୂଜା କରିବାକୁ ନିବେଦନ କରିଥିଲେ। ବରିଷ୍ଠ ନାଗରିକଙ୍କ ଭିତରେ ଭଜନ, ନିଜର ଅନୁଭୂତି ଓ କାନ୍ଦଣା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।

## ଚଳନ୍ତା ବସ୍‌ରୁ ଖସିପଡ଼ି ହେଲ୍‌ପର ମୃତ

**ବ୍ରହ୍ମଗିରି,୧।୧୦(ସ୍ୱାଧୀନ ଚମ୍ପତିରାୟ)**

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି – ଖଜୁରିଆ ରାସ୍ତାର ଗୋବିନ୍ଦପୁର ମହାବୀର ଛକଠାରେ ମଙ୍ଗଳବାର ଏକ ଘରୋଇ ବସ୍‌ରୁ ଖସି ପଡ଼ି ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମଗିରି ଥାନା ମଣପଡ଼ା ପଞ୍ଚାୟତ ଅଧୀନ ଦାମୋଦରପୁର ଗାଁର ହେମନ୍ତ ଲେଙ୍କା (୨୪)। ଫାଇଭ ଷ୍ଟାର ନାମକ ବସ୍ (ନଂ. ଓଡି ୦୪ ଏଲ୍ ୭୯୮୫) ନିୟମିତ ଭାବେ ପୁରୀରୁ ବାହାରି ବ୍ରହ୍ମଗିରି ଦେଇ ନିରାକାରପୁର ହୋଇ ଗଞ୍ଜାମର ବ୍ରହ୍ମପୁରରେ ପହଞ୍ଚିଥାଏ। ମଙ୍ଗଳବାର ବସ୍‌ଟି ବ୍ରହ୍ମପୁରରୁ ନିରାକାରପୁର – ଡେଲାଙ୍ଗ–ବ୍ରହ୍ମଗିରି ଦେଇ ପୁରୀ ଯାଉଥିଲା। ଗୋବିନ୍ଦପୁର ମହାବୀର ଛକ ନିକଟ ବୁଲାଣି ରାସ୍ତାରେ ବସ୍‌ଟି ବୁଲୁଥିବାବେଳେ ହେଲପର ହେମନ୍ତ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ଏହି ସମୟରେ ତାଙ୍କ ଉପରେ ବସ୍ ଚକା ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ଘଟଣାସ୍ଥଳରେ ବ୍ରହ୍ମଗିରି ପୋଲିସ ପହଞ୍ଚି ବସ୍‌କୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ଶିଶୁ କାଠ ଚୋରି ନେଇ ଅଭିଯୋଗ

**ଯୋଗେଶ୍ୱରପୁର,୧।୧୦(ରଶ୍ମିରଞ୍ଜନ ସାହୁ)**

ରେଂଘାଳ ଗ୍ରାମର ମସ୍‌ଜିଦ୍ ନିକଟରେ ଥିବା ଶିଶୁ ଗଛ କାଟିବାକୁ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଏହି ଗଛ କଟାଳି ୫ ଜଣଙ୍କ ନାମରେ ଥାନାରେ ଅଭିଯୋଗ ପରେ ନିମାପଡ଼ା ପୋଲିସ ଘଟଣାର ତଦନ୍ତ କରୁଛି। ଗଛର କାଠକୁ ପୋଲିସ ଜବତ କରିଛି।

## ୨ ମହିଳା ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ଯୋଗେଶ୍ୱରପୁର,୧।୧୦(ରଶ୍ମି ରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅଞ୍ଚଳରେ ୨ ମହିଳା ଗୋଷ୍ଠୀ ମଧ୍ୟରେ କୌଣସି ଏକ କାରଣକୁ ନେଇ ଗଣ୍ଡଗୋଳ ଘଟି ନୟାହାଟ ଫାଣ୍ଡିରେ ୨ଟି ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଗୋପ ଥାନାରେ ୨୭୨/୨୪ ଓ ୨୭୩/୨୪ରେ ୨ଟି ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନରେ ଥିବା ଧୁମାଳ ଗ୍ରାମପଞ୍ଚାୟତର ନରସିଂହପୁର ହାଟଠାରେ ୨ ମହିଳା ଗୋଷ୍ଠୀ ମଧ୍ୟରେ ସରକାରଙ୍କ ପକ୍ଷରୁ ମହିଳା ମହାସଂଘକୁ ଯୋଗାଇ ଦିଆଯାଇଥିବା ଟ୍ରାକ୍ଟର ଅଧିକ ଓ କମ୍ ଭଡ଼ା ଦେବାକୁ କେନ୍ଦ୍ରକରି ବଚସା ହୋଇ ହାତାହାତି ହୋଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ଏହି ଘଟଣାର ତଦନ୍ତ କରୁଛନ୍ତି।


ମା' ରାମଚଣ୍ଡୀ ପୀଠରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସଫେଇ କରାଯାଉଛି ।

## ଜିଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀକୁ ଆବର୍ଜନାମୁକ୍ତ କରାଯିବ

**ଗୋପ,୧।୧୦(ଭାରତୀ ଭୂଷଣ ଉପାଧ୍ୟାୟ)**

ଜିଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀକୁ ଆବର୍ଜନା ମୁକ୍ତ କରାଯିବା ସହ ରାଜ୍ୟର ସମସ୍ତ ଜନ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହେବାର ସମୟ ଆସିଛି। ମଙ୍ଗଳବାର ଗୋପ ବ୍ଲକ ଅଧୀନ ମା' ରାମଚଣ୍ଡୀ ପୀଠରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଜିଲା ସରପଞ୍ଚ ସଂଘ ସଭାପତି ତଥା ଗୋପ ବ୍ଲକ ନୁଆଖୋଲମରା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ ଏହା କହିଥିଲେ। ରାଜ୍ୟ ସରପଞ୍ଚ ସଂଘ ଉପଦେଷ୍ଟା ତଥା ଗୋପ ବ୍ଲକ ମହଲପଡ଼ା ପଞ୍ଚାୟତ ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ଏହା ଏକ ରୋଗମୁକ୍ତ ଓଡ଼ିଶା ଗଠନର ମୂଳମନ୍ତ୍ର ବୋଲି କହିଥିଲେ। ଗୋପ ବ୍ଲକ ସରପଞ୍ଚ ସଂଘ ଓ ସମିତି ସଭ୍ୟାସଭ୍ୟ ସଂଘ ପକ୍ଷରୁ ପୀଠ ସଫେଇ କରାଯାଇ ପର୍ଯ୍ୟଟକଙ୍କୁ ସ୍ୱଚ୍ଛତା ହିଁ ସେବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ସରପଞ୍ଚ ରଶ୍ମିରେଖା ଦାସ, ବଳିମଣୀ ପ୍ରଧାନ, ସୁଶାନ୍ତ ପରିଡ଼ା, ମେନକା ବେହେରା, ଜୟନ୍ତୀ ଜେନା, ରଶ୍ମିରେଖା ଶତପଥୀ, ନରହରି ଦଳାଇ, ପଦ୍ମାପୂର୍ଣ୍ଣା ଦଳାଇ, ସୁଲୋଚନା ମଲ୍ଲିକ, ତପନ ବରାଳ ପ୍ରମୁଖ ଯୋଗଦେଇଥିଲେ।

## ଶିଶୁ ଉଦ୍ୟାନ, ଇନ୍‌ଡୋର ଷ୍ଟାଡିୟମ୍ ବିକଶିତ ହେବ

**ନିମାପଡ଼ା,୧।୧୦ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ନିମାପଡ଼ାଠାରେ ଏନ୍‌ଏସି ପକ୍ଷରୁ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ନିର୍ମିତ ଶିଶୁ ଉଦ୍ୟାନକୁ ଅଧିକ ବିକଶିତ, ଆକର୍ଷଣୀୟ କରାଯିବ। ଇନ୍‌ଡୋର ଷ୍ଟାଡିୟମ୍‌କୁ ଅଧିକ ଲୋକାଭିମୁଖୀ କରାଯିବା ସହ ଏହି ଷ୍ଟାଡିୟମ୍‌ରେ ମହିଳାଙ୍କ ପାଇଁ ଜିମ୍‌ର ବ୍ୟବସ୍ଥା କ୍ରିକେଟ୍, ଭଲିବଲ ଖେଳର ପିଚ୍ ବ୍ୟବସ୍ଥା କରାଯିବ। ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ ବେଳେ ଏହା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ନିମାପଡ଼ାଠାରେ ସ୍ଥାୟୀ ବ୍ଲକ ଶିକ୍ଷାଧିକାରୀଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଜମି ଚିହ୍ନଟ, ଅଧିଗ୍ରହଣ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସମୟରେ ବିଇଓଙ୍କ ଅଫିସ ପରିଦର୍ଶନ କରି ଏ ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି କଲେଜଠାରେ ଛାତ୍ରୀମାନଙ୍କ ନିମନ୍ତେ ୨ଶହ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରୀ ନିବାସ ନିର୍ମାଣ ନିମନ୍ତେ କଲେଜ ପରିସରରେ ସ୍ଥାନ ନିରୂପଣ, ପରିଦର୍ଶନ, ନକ୍ସାର ତଦାରଖ କରିଥିଲେ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା, ପ୍ରଶାସନିକ ଅଧିକାରୀ, ଅଧାପିକା, ଅଧାପକମାନଙ୍କ ସହ ଆଲୋଚନା କରିଥିଲେ। ପରିଡ଼ାଙ୍କ ଏହିସବୁ କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ବିଇଓ ଦ୍ୱିତୀକାନ୍ତ ପ୍ରଧାନ, କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ସତ୍ୟଜିତ୍ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ କାନୁନ୍‌ଗୋଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇନ୍‌ଡୋର ଷ୍ଟାଡିୟମ୍ ପରିଦର୍ଶନ କରୁଛନ୍ତି।

# ବାଟ ହୁଡୁଛି ସ୍ୱଚ୍ଛ ଭାରତ ମିଶନ

■ ପରିତ୍ୟକ୍ତ ଅବସ୍ଥାରେ ଆବର୍ଜନା ପୃଥକୀକରଣ କୁଣ୍ଡ
■ କାଗଜକଲମ, ଫଟୋରେ କେବଳ ସ୍ୱଚ୍ଛତା

**ଅସ୍ତରଙ୍ଗ,୧।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)**



ସ୍ୱଚ୍ଛ ଭାରତ ମିଶନ ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପରିବେଶକୁ ସଫାସୁତରା ରଖିବାକୁ ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ତୃଣମୂଳସ୍ତରରେ ଏହାର ତଦାରଖ ଠିକ୍ ଭାବରେ ହୋଇପାରୁନାହିଁ। ତେଣୁ ଗ୍ରାମାଞ୍ଚଳରେ ଏହି ଯୋଜନା ଏକପ୍ରକାର ବାଟ ହୁଡୁଛି ବୋଲି ଚର୍ଚ୍ଚା ହେଉଛି। ସ୍ୱଚ୍ଛ ଭାରତ ପାଇଁ ସରକାରୀ ଓ ବେସରକାରୀସ୍ତରରେ ଜୋରସୋରରେ ପ୍ରଚାରପ୍ରସାର ହେଉଛି। ଯାହା କେବଳ କାଗଜକଲମରେ ଏବଂ ପ୍ରଚାରପ୍ରସାରରେ ସୀମିତ ରହୁଛି। କେବଳ ସହର ନୁହେଁ ଗାଁ ଗଣ୍ଡାରେ ମଧ୍ୟ ଲୋକମାନେ ଏଣେତେଣେ ଅଳିଆ ଫିଙ୍ଗୁଛନ୍ତି। ଫଳରେ ଗାଁର ସର୍ବସାଧାରଣ ସ୍ଥାନ କେନାଲ, ପୋଖରୀ, ବିଲବାଡ଼ିରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇ ରହୁଛି। ଫଳରେ ପରିବେଶ ପ୍ରଦୂଷିତ ହେବା ସହ ମଶା, ମାଛି, ପୋକଜୋକଙ୍କ ପ୍ରାଦୁର୍ଭାବ ବଢୁଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସରକାରଙ୍କ ପକ୍ଷରୁ ପଞ୍ଚାୟତସ୍ତରରେ ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇଛି। ୨ଲକ୍ଷ ଟଙ୍କା ବ୍ୟୟରେ ଏହି ଆବର୍ଜନା କୁଣ୍ଡ ନିର୍ମାଣ ହୋଇଛି। ହେଲେ ଏହା କାମରେ ଆସୁନି।

ସୂଚନା ଅନୁସାରେ, ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତ ମଧ୍ୟରୁ କେତେକ ପଞ୍ଚାୟତରେ ଆବର୍ଜନା କୁଣ୍ଡ ସମ୍ପୂର୍ଣ୍ଣ ହୋଇଥିବାବେଳେ ଆଉ କେଉଁଠି ସମ୍ପୂର୍ଣ୍ଣ ହୋଇନାହିଁ। ଯେଉଁଠି ପୃଥକୀକରଣ କେନ୍ଦ୍ର ରହିଛି ସେଠାରେ ୫ଟି କୁଣ୍ଡ କରାଯାଇଛି। ୨ଟି ଆବର୍ଜନା ପୃଥକୀକରଣ କୁଣ୍ଡ, ଗୋଟିଏ ପ୍ଲାଷ୍ଟିକ, କାଚ ଓ ଲୁହା ପାଇଁ ଗୋଟିଏ ଏବଂ ଅନ୍ୟଟି ପଲିଥିନ ପାଇଁ ଉଦ୍ଦିଷ୍ଟ ରହିଛି। ନିର୍ମାଣକୁ ପ୍ରାୟ ୨ ବର୍ଷ ବିତି ଯାଇଥିଲେ ହେଁ ଏହା ଅଚଳ ହୋଇପଡ଼ି ରହିଛି। ଅନେକ ପଞ୍ଚାୟତର ଆବର୍ଜନା କୁଣ୍ଡ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ବ୍ୟବହାର ନ ହେବାରୁ ଏହା ଶୌଚାଳୟ ପାଲଟିଛି। କାନ୍ଥ ଫାଟି ଯାଇଥିବାବେଳେ ଲୁହାରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ଅନାବନା ଗଛ, ଲତା, ଘାସ ପ୍ରକଳ୍ପକୁ ମାଡ଼ି ବସିଲାଣି। ଅଳ୍ପ କେତୋଟି କୁଣ୍ଡ ବ୍ୟବହାର ହେଉଥିବା ସ୍ଥଳେ ଅନେକ ସ୍ଥାନରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ପଞ୍ଚାୟତର ସବୁ ଗାଁରୁ ଆବର୍ଜନା ସଂଗ୍ରହ କରି ଆବର୍ଜନା କୁଣ୍ଡରେ ପକାଇବାକୁ ପଞ୍ଚାୟତକୁ ୨/୩ଟି ଅଳିଆ ବୁହା ଟ୍ରଲି ଯୋଗାଇ ଦିଆଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ କାମ ପରିଚାଳନା ପାଇଁ ସରକାରୀ ନିୟମ ରହିଛି। ସେଥିପାଇଁ ପଞ୍ଚାୟତ ପାଣ୍ଠିରେ ଟଙ୍କା ଗଚ୍ଛିତ ରହୁଛି। କିନ୍ତୁ ଏହା କାର୍ଯ୍ୟରେ ଲାଗି ପାରୁନି। ଟ୍ରଲିଗୁଡ଼ିକ ଅଚଳ ଅବସ୍ଥାରେ ପଞ୍ଚାୟତ କାର୍ଯ୍ୟାଳୟରେ ପଡ଼ିରହିଛି। ସେହିପରି ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଘର ସାମ୍ନାରେ କମ୍ପୋଷ୍ଟ ପିଟ୍ ଏବଂ ସୋକପିଟ୍ ଟାଙ୍କି ପାଇଁ ବ୍ୟୟ ବରାଦ ହୋଇଥିଲା।

ଅନ୍ୟପକ୍ଷରେ ତାହା କାମରେ ନ ଆସିବାରୁ ଲୋକେ ଇଟା ଭାଙ୍ଗି ନେବା ସହ ଗାତ ପୋତି ଦେଲେଣି। ବିଭିନ୍ନ ସ୍ଥାନରେ ସରକାରଙ୍କ ପକ୍ଷରୁ କାନ୍ଥବାଡ଼ରେ 'ଜୈବିକ ଖତ ପାଇଁ ଗାତ ଖୋଳନ୍ତୁ', 'ବର୍ଜ୍ୟବସ୍ତୁର ସୁରକ୍ଷିତ ପରିଚାଳନା କରନ୍ତୁ' ଭଳି ବିଭିନ୍ନ ସ୍ଲୋଗାନ ଲେଖାଯାଇଛି। ମାତ୍ର ଏହା କାମରେ ଆସୁନାହିଁ। ବର୍ଷର ନିର୍ଦ୍ଦିଷ୍ଟ କିଛି ଦିବସରେ ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ନେତା, ସରକାରୀ ବାବୁ, ସ୍ୱେଚ୍ଛାସେବୀ ହାତରେ ଝାଡୁ ଧରି କିଛି ସମୟ ସଫେଇ କରି ଫଟୋ ଓ ଭିଡିଓ ଉତ୍ତୋଳନ ପରେ କାମ ସରିଯାଉଛି। ସ୍ୱଚ୍ଛତା ପ୍ରତି ସରକାରୀ ଅଧିକାରୀଙ୍କ ଆନ୍ତରିକତା ଅଭାବ ରହୁଥିବାରୁ ଏବଂ ଜନ ସଚେତନତା ଅଭାବରୁ ଏହି ଅଭିଯାନ ଫଳପ୍ରଦ ହୋଇପାରୁନାହିଁ ବୋଲି ବୁଦ୍ଧିଜୀବୀ କହିଛନ୍ତି। ସରକାରୀ ତଦାରଖ ଅଭାବରୁ ତୃଣମୂଳସ୍ତରରେ ଯୋଜନା ଫେଲ ମାରୁଛି ବୋଲି କେତେଜଣ ବ୍ୟକ୍ତି କହିଛନ୍ତି।

## ସଂକ୍ଷେପରେ

### ନାଟ୍ୟଧାରା: ପ୍ରଥମ ସନ୍ଧ୍ୟାରେ 'ଅଶାନ୍ତ ଚରିତ' ମଞ୍ଚସ୍ଥ

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ପ୍ରତି ମାସ ୧ରୁ ୩ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ହୋଇଆସୁଥିବା ନାଟ୍ୟଧାରାର ନାଟକ କାର୍ଯ୍ୟକ୍ରମ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ନାଟକ 'ଅଶାନ୍ତ ଚରିତ' ମଞ୍ଚସ୍ଥ ହୋଇଥିଲା। ରବିନାରାୟଣ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକକୁ ବ୍ରହ୍ମପୁରର ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟ ସଂସ୍ଥା ପରିବେଷଣ କରିଥିଲେ। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ଅରୁଣ ରାଜା ଏବଂ ମଞ୍ଚସଜ୍ଜାରେ ରାମଚନ୍ଦ୍ର ସାସମଲ, ମନୋଜ ଦଣ୍ଡପାଟ ଓ ସୁନିଲ କୁମାର ସ୍ୱାଇଁ ସହଯୋଗ କରିଥିଲେ। ଅତିଥି ଭାବେ ବରିଷ୍ଠ ଅଭିନେତା ଅନ୍ତର୍ଯ୍ୟାମୀ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ସୁବୋଧ କୁମାର ପଟ୍ଟନାୟକ ଏବଂ ମିହିର କୁମାର ମେହେର ଯୋଗଦେଇଥିଲେ। ନାଟକର ନିର୍ଦ୍ଦେଶକ ରବିନାରାୟଣ ବେହେରାଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା ଏବଂ କୋଷାଧ୍ୟକ୍ଷ ସୁଶୀଳ କୁମାର ପଟ୍ଟନାୟକ ସହଯୋଗ କରିଥିଲେ।

### ଏକାମ୍ର ସାହିତ୍ୟ ସଂସଦର ଗଳ୍ପ, କବିତା ପାଠୋତ୍ସବ

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଏକାମ୍ର ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ତଥା ଗଳ୍ପ ଓ କବିତା ପାଠୋତ୍ସବ ସୋମବାର ଖଣ୍ଡଗିରିସ୍ଥିତ ଖାରବେଳ ପାର୍କ ମୁକ୍ତ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଉମାକାନ୍ତ ମହାନ୍ତି ଅଧ୍ୟକ୍ଷତା କରି ପଠିତ ଗଳ୍ପ, କବିତା ଉପରେ ମତ ରଖିବା ସହ କବିମାନେ ନିଜ ଲେଖା ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତୁ ବୋଲି କହିଥିଲେ। ସାଧାରଣ ସମ୍ପାଦକ ହଂସନାଥ ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଦୁର୍ଯ୍ୟୋଧନ କାଠୁଆ କବିବର ରାଧାନାଥ ରାୟଙ୍କ ସାହିତ୍ୟର ଏକ ବିସ୍ତୃତ ଆଲୋଚନା କରି ତାଙ୍କୁ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର କର୍ଣ୍ଣଧାର ବୋଲି ଅଭିହିତ କରିଥିଲେ। ପରେ କୁଳମଣି ମହାନ୍ତିଙ୍କ ସଂଯୋଜନାରେ ଶୈଳବାଳା ମହାପାତ୍ର, ବଂଶୀଧର ସେଠୀ, ପିତାମ୍ବର ମହାପାତ୍ର, ମନସ୍ୱିନୀ ଦାଶ, ଧରଣୀଧର ମିଶ୍ର, ମନୋରମା ଶାସ୍ତ୍ରୀ ପ୍ରମୁଖ ସ୍ୱରଚିତ କବିତା, ଗଳ୍ପ ପାଠ କରିଥିଲେ।

# ୪,୬୭୧ କୋଟି ପୁଞ୍ଜିନିବେଶ: ୭୪୯.୯ ମେଗାୱାଟ୍‌ର ଅକ୍ଷୟ ଶକ୍ତି ପ୍ରକଳ୍ପ

### ଏସ୍‌ଡବ୍ଲ୍ୟୁସିର ନୀତିଗତ ଅନୁମୋଦନ

ଭୁବନେଶ୍ୱର,୧।୧୦(ଅନୁରାଧା ମହାରଣା)



ସପ୍ତମ ସିଙ୍ଗଲ ୱିଣ୍ଡୋ କମିଟିର ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟମାନେ।

ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସପ୍ତମ ସିଙ୍ଗଲ ୱିଣ୍ଡୋ କମିଟି (ଏସ୍‌ଡବ୍ଲ୍ୟୁସି)ର ବୈଠକରେ ମୋଟ ୭୪୬.୯ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଆସିଥିବା ୪,୬୭୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ମିଳିଛି। ଏହି ସପ୍ତମ ସିଙ୍ଗଲ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ କଳାହାଣ୍ଡି ଜିଲାରେ ଓଏଚ୍‌ପିସି ଦ୍ୱାରା ସ୍ଥାପିତ ହେବାକୁ ଥିବା ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପମ୍ପଡ୍ ଷ୍ଟୋରେଜ୍ ପ୍ଲାଣ୍ଟ (ପିଏସ୍‌ପି) ପ୍ରକଳ୍ପ, ଓଏନ୍‌ଜିସି ତ୍ରିପୁରା ପାୱାର କମ୍ପାନୀ ଲିମିଟେଡ୍ (ଓପିଟିସିଏଲ୍) ଦ୍ୱାରା ନବରଙ୍ଗପୁର, ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାରେ ସ୍ଥାପିତ ହେବାକୁ ଥିବା ମୋଟ୍ ୧୪୮.୫ ମେଗାୱାଟ୍ କ୍ଷମତାସମ୍ପନ୍ନ ୩ଟି ପବନ ଶକ୍ତି ପ୍ରକଳ୍ପ ଏବଂ ଭୁବନେଶ୍ୱରସ୍ଥିତ ପଟିଆଠାରେ ୧.୪ ମେଗାୱାଟ୍ କ୍ଷମତା ବିଶିଷ୍ଟ ରୁଫ୍ ଟପ୍ ସୌର ପ୍ରକଳ୍ପ ରହିଛି। ଶକ୍ତି ବିଭାଗ ଏହାର ପ୍ରମୁଖ ସଂସ୍ଥା ଗ୍ରୀଡ୍‌କୋ ମାଧ୍ୟମରେ ରାଜ୍ୟ ସରକାର ଅକ୍ଷୟଶକ୍ତି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ସୂଚନା ଥାଉକି, ରାଜ୍ୟ ଶକ୍ତି ବିଭାଗର ଏସ୍‌ଡବ୍ଲ୍ୟୁସି ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୨୪୯.୩୮ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ୍ ୮୩୯୫.୩୮ କୋଟି ଟଙ୍କା ନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ କରାଯାଇଛି। ଏହି ପୁଞ୍ଜିନିବେଶ ପ୍ରସ୍ତାବଗୁଡ଼ିକ ରାଜ୍ୟର ଶକ୍ତି କ୍ଷେତ୍ରରେ ରୂପାନ୍ତରଣ ଆଣିବା ସହ ସବୁଜ ଶକ୍ତି ପ୍ରକଳ୍ପର ବିକାଶକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ସେହିପରି ୨୦୩୦ ସୁଦ୍ଧା ୧୦ ହଜାର ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହାୟକ ହେବ।

# ବିଜେବି କଲେଜରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୧।୧୦(ସତ୍ୟଜିତ୍ ରାଉତ)

ପୁଣି ବିଜେବି କଲେଜ ଅଶାନ୍ତ ହୋଇଛି। କଲେଜ କ୍ୟାମ୍ପସରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଛନ୍ତି ଭୁବନେଶ୍ୱର ବିଜେବି ନଗରସ୍ଥିତ ପ୍ଲଟ୍ ନଂ. ୬୭-ଏରେ ରହୁଥିବା ଶ୍ରୀନିବାସ ସାହୁ (୨୯)। ସୋମବାର ଏହି ଘଟଣା ଘଟିଛି। ଶ୍ରୀନିବାସଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଇଛନ୍ତି। ଏନେଇ ବଡ଼ଗଡ଼ ଥାନାରେ ଶ୍ରୀନିବାସଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୬୪୮/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଏତଲା ଅନୁଯାୟୀ, ସୋମବାର ଶ୍ରୀନିବାସ ତାଙ୍କ ସାନଭଉଣୀଙ୍କ ସ୍ପଟ୍ ଆଡମିଶନ୍ ସଂକ୍ରାନ୍ତରେ ବୁଝିବା ପାଇଁ ବିଜେବି କଲେଜକୁ ଯାଇଥିଲେ। ସେଠାରେ ଅପରାହ୍ନ ପ୍ରାୟ ୨ଟା ବେଳେ କେତେଜଣ ଛାତ୍ର ଓ ଅଣଛାତ୍ର ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ଶ୍ରୀନିବାସ ବିରୋଧ କରିଥିଲେ। ଫଳରେ ଅଭିଯୁକ୍ତମାନେ ତାଙ୍କୁ ଲୁହାରଡ୍, ବାଡ଼ି, ପାଇପ୍, ହକି ଷ୍ଟିକ୍ ଆଦିରେ ମାଡ ମାରିଥିଲେ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। କେତେଜଣ ଅଭିଯୁକ୍ତଙ୍କ ନାଁ ମଧ୍ୟ ଶ୍ରୀନିବାସ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ପୋଲିସ କହିଛି।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ବାଲିଅନ୍ତା,୧।୧୦(ନୀଳମାଧବ ସାହୁ)

ବାଲିଅନ୍ତାସ୍ଥିତ ଗାନ୍ଧୀ ଭବନରେ ମଙ୍ଗଳବାର ଅନ୍ତର୍ଜାତୀୟ ବୟସ୍କ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବାଲିଅନ୍ତାର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଦିବସରେ ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ସଂଘ ସଭାପତି ଧୀରେନ କରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଗନ୍ଧର୍ବ ବେହେରା, ରବୀନ୍ଦ୍ର ରାୟ, କୈଳାସ ପାତ୍ର, ମଙ୍ଗୁ ପାତ୍ର, ପ୍ରଫୁଲ୍ଲ ମିଶ୍ର, ଆନନ୍ଦ ବିହାରୀ ମହାନ୍ତି, ସରୋଜ ବଡ଼ିଆ, ପୂର୍ଣ୍ଣଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇ ଭାବର ଆଦାନ ପ୍ରଦାନ କରିଥିଲେ। ନିଜ ନିଜର ସୁଖ ଦୁଃଖରେ ସାମିଲ ହୋଇ ପରସ୍ପର ମଧ୍ୟରେ ଭଲ ବୁଝାମଣା ରଖିବା ଉପରେ ମତପ୍ରକାଶ ପାଇଥିଲା। ସେହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ୍ ପକ୍ଷରୁ ଯୋହଲ ଓ କଞ୍ଚିଲୋ-ତିରଣପଦା ଅଞ୍ଚଳରେ ଏହି ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳିତ ହୋଇଯାଇଛି। ଏଥିରେ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ସଂଯୋଜିକା ଉପମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# 'ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ଦାୟିତ୍ୱ, କର୍ତ୍ତବ୍ୟ ରହିଛି'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଭୁବନେଶ୍ୱର, ୧।୧୦(ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫରେଷ୍ଟ ପାର୍କଠାରେ ସକାଳ ୬ଟାରୁ ବରିଷ୍ଠ ନାଗରିକଙ୍କ ଦ୍ୱାରା ଯୋଗ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସଭାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇ ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୂପେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ସରକାର ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ବିଷୟରେ ସଚେତନ ଥିବା ସହ ଏହାର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁଥିବା ସେ କହିଥିଲେ। ସଭାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବରିଷ୍ଠ ସଙ୍ଗୀତଜ୍ଞ ଏବଂ ଭିନ୍ନକ୍ଷମ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କବିତା, ଗପ, ଗୀତ, ଲଘୁ ହାସ୍ୟକଥାର ଆସର

### ପ୍ରିଜମ୍ ଏକ୍ସର ତୃତୀୟ ସଂସ୍କରଣ

ଭୁବନେଶ୍ୱର,୧।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଇଙ୍କ୍ ଡିଓ ପବ୍ଲିକେଶନ ପକ୍ଷରୁ ଆୟୋଜିତ ଓପନ ମାଇକ୍ ଶୋ' ପ୍ରିଜମ୍ ଏକ୍ସର ତୃତୀୟ ସଂସ୍କରଣ ସ୍ଥାନୀୟ ବୋକା କାଫେରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟିକା ଡ. ସୁଷମା ମିଶ୍ର, 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତ ଯୋଗ ଦେଇଥିଲେ। ତାରକା ପ୍ରଦର୍ଶକ ଭାବେ ଅଭିନେତା ଅଭିଷେକ ଗିରି, ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ସୁରେଶ ସାହୁଙ୍କ ସମେତ କାଦମ୍ବିନୀ ପ୍ରକାଶକ ତଥା ସାହିତ୍ୟିକ କେଦାର ପୃଷ୍ଟି, କବି ଓ ପ୍ରକାଶକ ବାଦଲ ମହାନ୍ତି, ନାଟ୍ୟକାର ଦେବଦତ୍ତ ପତି ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ବହୁ ଯୁବପ୍ରତିଭା ଅଂଶଗ୍ରହଣକରି କବିତା, ଗପ, ଗୀତ, ଲଘୁ ହାସ୍ୟକଥା ଆଦି ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଯୁବ କବି ସୁମନ୍ତ କୁମାର ପାଢ଼ୀଙ୍କ କବିତା ସଂକଳନ 'କୁଇର ସକାଳ' ଉନ୍ମୋଚିତ ହୋଇଥିଲା। ଯୁବକବି ଓ ଗାଳ୍ପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଏବଂ କବି ହୃଦୟ ରଞ୍ଜନ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ । ରୁଦ୍ରପ୍ରସାଦ ଆରଣ, ରିଜିତ୍ କୁମାର ସାହୁ, ଅବିନାଶ ମହାପାତ୍ର ସହଯୋଗ କରିଥିଲେ। କବି ପତିତପାବନ ପାଣି ଧନ୍ୟବାଦ ଦେଇଥିଲେ ।

# 'ଶ୍ରମିକଙ୍କ ଅଦ୍ୱିତୀୟ ନେତା ଥିଲେ ବିଦ୍ୟାଧର ବାରିକ'

ଭୁବନେଶ୍ୱର,୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ବିଦ୍ୟାଧର ବାବୁ କେବଳ ଜଣେ ଶ୍ରମିକ ନେତା ନୁହନ୍ତି, ବରଂ ସମଗ୍ର ଶ୍ରମିକ ସମାଜ ପାଇଁ ଥିଲେ ଅଦ୍ୱିତୀୟ ନେତା। ଶ୍ରମିକ ଶ୍ରେଣୀ ବା ସମାଜ ନୁହେଁ ସେ ବିଭିନ୍ନ କ୍ଷେତ୍ରରେ ନିଜର ଛାପ ଛାଡ଼ିଯାଇଛନ୍ତି। ଶ୍ରମିକମାନଙ୍କୁ ତାଲିମ ଦେଇ ସେମାନଙ୍କୁ ଯୋଗ୍ୟତା କରିବା ସହ ତାଙ୍କର ପ୍ରତି ଦାବିକୁ ସରକାର ଓ ମ୍ୟାନେଜମେଣ୍ଟ ପାଖରେ ଉପସ୍ଥାପନା କରି ଦାବି ହାସଲ କରାଇବାରେ ସେ ଥିଲେ ସିଦ୍ଧହସ୍ତ। ସେହିପରି ସାହିତ୍ୟ କ୍ଷେତ୍ରରେ ଉନ୍ନତ ପାଇଁ ସେ ରାଉରକେଲାଠାରେ ଗଢ଼ିଥିଲେ ଇସ୍ପାତ ସାହିତ୍ୟ ସଂସଦ। ଶିକ୍ଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ସେ ପ୍ରାଧାନ୍ୟ ଦେଉଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ବିଦ୍ୟାଧର ବାରିକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଦ୍ୟାଧର ବାରିକଙ୍କ ୬ଷ୍ଠ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ଡ. ମନୋଜ ସାହୁ, ଭାଜପା ମୁଖପାତ୍ର ଦିଲ୍ଲୀପ ମଲିକ, ଶ୍ରମିକ ନେତା ରାଜେନ୍ଦ୍ର ଦାସ, ପ୍ରଭାକର ପଲେଇ, ସ୍ତମ୍ଭକାର ଅମୀୟ ପାଣ୍ଡବ, ନାରୀ ନେତ୍ରୀ ସଂଯୁକ୍ତା ମହଲା ଉପସ୍ଥିତ ଥିଲେ। ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ମନୋଜ ବାରିକ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ମୋନାଲିସା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୀନା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୀତିକବି ବିପିନ ମହାନ୍ତିଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବର ଆୟୋଜନ ସହ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା।




ଶ୍ରମିକ ନେତା ବିଦ୍ୟାଧର ବାରିକଙ୍କ ସ୍ମୃତି ସଭାରେ ମଞ୍ଚାସୀନ ଅତିଥି।

# ଜନଆନ୍ଦୋଳନରେ ପରିଣତ ହେଉ 'ରକ୍ତଦାନ'

ଭୁବନେଶ୍ୱର, ୧।୧୦
(ବନ୍ଦନା ସେଠୀ)

ରକ୍ତ ନିରାପତ୍ତା ନିର୍ଦ୍ଦେଶାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜାତୀୟ ସ୍ୱେଚ୍ଛାକୃତ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କ୍ୟାପିଟାଲ୍ ହସ୍‌ପିଟାଲ୍ ରକ୍ତଭଣ୍ଡାରଠାରେ ଅନୁଷ୍ଠିତ ଏହି ଉତ୍ସବକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। 'ରକ୍ତଦାନ ଏକ ମହତ ଦାନ'। ତେଣୁ ରକ୍ତଦାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ରକ୍ତ ନିରାପତ୍ତା ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନରେ ସାମିଲ ହେବ ଓଡ଼ିଶା: ସ୍ୱାସ୍ଥ୍ୟମନ୍ତ୍ରୀ

### ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ବୃତ୍ତିଗତ ଡାକ୍ତରୀ ପରୀକ୍ଷା ଫଳ ପ୍ରକାଶିତ: ଶୁଭଲକ୍ଷ୍ମୀ ପାଢ଼ୀ ଶ୍ରେଷ୍ଠ




ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୧।୧୦(ବନ୍ଦନା ସେଠୀ)

ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ ପରେ ମଙ୍ଗଳବାର ପ୍ରଥମ ଥର ପାଇଁ ୨୦୨୩-୨୪ ବର୍ଷର ଡାକ୍ତରୀ ପ୍ରଥମ ବାର୍ଷିକ ବୃତ୍ତିଗତ ପରୀକ୍ଷା ଫଳ ପ୍ରକାଶ ପାଇଛି। ପରୀକ୍ଷାରେ କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଛାତ୍ରୀ ଶୁଭଲକ୍ଷ୍ମୀ ପାଢ଼ୀ ୯୦୦ରୁ ୭୨୬ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆନାଟୋମିରେ ସୁନ୍ଦରଗଡ଼ ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲର ଛାତ୍ରୀ ପ୍ରତୀକ୍ଷା ପଲ୍, ଫିଜିଓଲୋଜିରେ ଶୁଭଲକ୍ଷ୍ମୀ ପାଢୀ ଏବଂ ବାୟୋକେମେଷ୍ଟ୍ରିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ବ୍ରହ୍ମପୁରର ଛାତ୍ରୀ ହିରଣ୍ମୟୀ ପଦ୍ମଜା ତ୍ରିପାଠୀ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। । ଏହି ପ୍ରଥମ ପ୍ରଫେସନାଲ ଏମବିବିଏସ ପରୀକ୍ଷାରେ ମୋଟ ପଞ୍ଜିକୃତ ୧୫୯୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫୮୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୪୪୨ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ବାକି ୧୪୪ଜଣ ଫେଲ ହୋଇଛନ୍ତି। ପରୀକ୍ଷା ପାସ ହାର ୯୦.୯୨ ପ୍ରତିଶତ ରହିଛି।

ଏନେଇ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ପରୀକ୍ଷା ଶେଷ ହେବାର ମାତ୍ର ୧୦ଦିନ ମଧ୍ୟରେ ଫଳାଫଳ ପ୍ରକାଶ ପାଇଥିବାରୁ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ପରୀକ୍ଷା ପରିଚାଳନା କରୁଥିବା ଅଧିକାରୀମାନେ ସାଧୁବାଦର ପାତ୍ର ବୋଲି ମନ୍ତ୍ରୀ କହିଛନ୍ତି। ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନରେ ଓଡ଼ିଶାକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହା ଜରିଆରେ ରୋଗୀଙ୍କ ତଥ୍ୟର ଡିଜିଟାଲ୍ ମ୍ୟାପିଙ୍ଗ୍ କରାଯିବ ଏବଂ ସେମାନଙ୍କୁ ଏକକ ପରିଚୟପତ୍ର ପ୍ରଦାନ କରାଯିବ। ଏଥିରେ ରୋଗୀଙ୍କ ରୋଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମହଜୁଦ୍ ରହିବ। ଡାକ୍ତରମାନେ ସେହି ତଥ୍ୟ ଆଧାରରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ସେହିପରି ରାଜ୍ୟରେ ଖୁବ୍‌ଶୀଘ୍ର ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନଆରୋଗ୍ୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ ହେବ। ରାଜ୍ୟର ପ୍ରାୟ ୧କୋଟି ପରିବାର ଏହାର ସୁଫଳ ପାଇପାରିବେ। ପୁରୁଣା ସ୍ୱାସ୍ଥ୍ୟକାର୍ଡରେ ପ୍ରାୟ ୯୦୦ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ମିଳୁଥିଲା। ମାତ୍ର ଉଭୟ ଯୋଜନା କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ଯୋଗ୍ୟ ହିତାଧିକାରୀ ଦେଶର ୨୭ହଜାର ଡାକ୍ତରଖାନାରେ ନିଃଶୁଳ୍କ ଚିକିତ୍ସାସେବା ପାଇପାରିବେ ବୋଲି ମନ୍ତ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ସ୍ୱାସ୍ଥ୍ୟ ଗବେଷକମାନଙ୍କ ସହ ଅନୁବନ୍ଧିତ ହୋଇଛି। ସେମାନଙ୍କ ଅଭିଜ୍ଞତା ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶାତୀତ ପରିବର୍ତ୍ତନ ଆଣିବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ କହିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ, ଅନ୍ତର୍ଜାତୀୟସ୍ତରରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଅନୁଷ୍ଠାନ ଯଥା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ଭାରତୀୟ ଜୀବ ବିଜ୍ଞାନ ପ୍ରତିଷ୍ଠାନ, ଭାରତୀୟ ଆୟୁର୍ବିଜ୍ଞାନ ପରିଷଦ ଏବଂ ଆଞ୍ଚଳିକ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

# ୮୫ ଫୁଟ୍ ଉଚ୍ଚର ରାବଣପୋଡ଼ି ଆକର୍ଷଣ

### କୋରଡ଼କଣ୍ଟା ଦୁର୍ଗାପୂଜା ସମିତି



ଭୁବନେଶ୍ୱର,୧।୧୦
(ଅନୁରାଧା ମହାରଣା)




ଶାରଦୀୟ ଦୁର୍ଗାପୂଜା ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ଉପଖଣ୍ଡ ଅଞ୍ଚଳ ଚଳଚଞ୍ଚଳ ହେବାରେ ଲାଗିଛି। ବଡ଼ ମଣ୍ଡପଠାରୁ ଆରମ୍ଭ କରି କ୍ଲବ୍ ଓ ସାହିରେ ବ୍ୟାପକ ପ୍ରସ୍ତୁତି ଚାଲିଛି। କୋରଡ଼କଣ୍ଟା ଦୁର୍ଗାପୂଜା ସମିତି ପକ୍ଷରୁ ଏଥର ୧୩ତମ ବାର୍ଷିକ ଶାରଦୀୟ ଦୁର୍ଗୋତ୍ସବ ଅନୁଷ୍ଠିତ ହେବ। ୫୦ ଜଣ କାରିଗର ପଶ୍ଚିମବଙ୍ଗର ଅଷ୍ଟଭୂଜା ମାତା ମନ୍ଦିର ଆକୃତିର ତୋରଣ ପ୍ରସ୍ତୁତ କରୁଛନ୍ତି। ୯ ତାରିଖ ଉପଷଷ୍ଠୀ ଅବସରରେ ବିଲ୍ୱବରଣ ଓ ୧୦ ତାରିଖରେ ମହାସପ୍ତମୀ ଅବସରରେ ମା'ଙ୍କ ଚକ୍ଷୁଦାନ କରାଯିବ। ମହାଷ୍ଟମୀରେ ଚଣ୍ଡୀପାଠ, ହୋମ, ପୁଷ୍ପାଞ୍ଜଳି, ସନ୍ଧିପୂଜା ଆଦି ଅନୁଷ୍ଠିତ ହେବ। ମହାନବମୀରେ ଅନ୍ୟାନ୍ୟ ପୂଜା ସହ କୁମାରୀ ପୂଜନ କରାଯିବ। ବିଜୟା ଦଶମୀରେ ଅପରାଜିତା ପୂଜା ହେବ। ତେବେ ଏଠାରେ ରାବଣପୋଡ଼ି ମୁଖ୍ୟ ଆକର୍ଷଣ ରହିବ। କୁଆଖାଇ ନଦୀପଠାସ୍ଥିତ କୋରଡ଼କଣ୍ଟା ଖେଳପଡ଼ିଆରେ ୮୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିକୃତି ଦାହ କରାଯିବ। ରାତି ୮ଟାରୁ ଏହି ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଲୋକଙ୍କ ଭିଡ଼ ଜମିବ ବୋଲି ସମିତି ପକ୍ଷରୁ ଆଶା କରାଯାଉଛି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ସେହିପରି ଭସାଣରେ ଛତିଶଗଡ଼ର ଲୋକନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିବ। କେବଳ ଦୁର୍ଗାପୂଜା ସମିତି କର୍ମକର୍ତ୍ତା ନୁହନ୍ତି, ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାରେ ପୂଜା ସମାପନ ଲାଗି ସମିତି ସଦସ୍ୟମାନେ ଆଶାବ୍ୟକ୍ତ କରିଛନ୍ତି।

**ଶୃଙ୍ଖଳା, ସୁରକ୍ଷାକୁ ଗୁରୁତ୍ୱ ଦେଉଛୁ**



ସୁଉଚ୍ଚ ଆକର୍ଷଣୀୟ ତୋରଣରେ ମା'ଙ୍କର ଆବାହନ କରାଯିବ। ମା'ଙ୍କ ନିକଟରେ ସବୁଦିନ ପ୍ରାତଃରେ ମୁଖ୍ୟ ପଣ୍ଡିତ ଆଲୋକ ରଞ୍ଜନ ଦାସଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର ପୂଜା କରାଯିବ। ଏହା ସହ ଚଣ୍ଡୀପାଠ ଏବଂ ସ୍ତୋତ୍ର ପାଠ କରାଯିବ। ଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ ଦେଉଛୁ। ଏଥିପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଉଛି।

**-ପ୍ରଶାନ୍ତ ଜେନା, ସଭାପତି**

**୧୦ରୁ ୧୩ ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ**



ଏଥର ପୂଜାରେ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇପାରେ। ଶେଷ ୪ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୧୦ ତାରିଖରେ ଭଜନ ସନ୍ଧ୍ୟା, ୧୧ରେ କୁନି ପ୍ରତିଭାଙ୍କ ନୃତ୍ୟ ପ୍ରଦର୍ଶନ, ୧୨ରେ ମେଲୋଡି ଓ ୧୩ ତାରିଖରେ ନୃତ୍ୟ ପରିବେଷଣ ଆଦି କାର୍ଯ୍ୟକ୍ରମ ରହିଛି। ଦେବୀ ଦର୍ଶନ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିବାକୁ ଥିବାବେଳେ ମନୋରଞ୍ଜନ ଉପରେ ମଧ୍ୟ ସମିତି ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

**-ଯାଦବ ଜେନା, ସମ୍ପାଦକ**

**ଚୋରି, ଜଣେ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): ଗୋପାଳପୁରସ୍ଥିତ ଇଡ୍‌କୋ ଶିଳ୍ପାଞ୍ଚଳରେ ଥିବା ପୋଡ଼ା କୋଇଲା ଖାଦାନରୁ କୋଇଲା ଛାଇ ଚୋରା ଚାଲାଣ ହେଉଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ସୋମବାର ରାତିରେ ପୋଲିସ ଉକ୍ତ ସ୍ଥାନରେ ଚଢ଼ଉ କରି କୋଇଲା ଛାଇ ଖୋଲୁଥିବା ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବଡ଼ସାମନ୍ତରାପୁର ପଞ୍ଚାୟତ ଅଧୀନ ବଡ଼ପଦା ଗ୍ରାମର ତପନ କୁମାର ରାଉତ। ପୋଲିସ ଘଟଣାସ୍ଥଳରୁ କୋଇଲା ଛାଇ ବୋଝେଇ ହୋଇଥିବା ଏକ ହାଇୱାକୁ ଜବତ କରି ଥାନାକୁ ନେଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୨୨/୨୪) ରୁଜୁ ହୋଇଛି।

## ସଂକ୍ଷେପରେ

### ଦାଦାବଟି ପାଇଁ ଫାଷ୍ଟଫୁଡ୍ ଦୋକାନରେ ଗଣ୍ଡଗୋଳ, ଦୋକାନୀ ଆହତ

ଟିଗିରିଆ, ୧।୧୦(ଜାଫର ଖାଁ)

ଟିଗିରିଆ ଥାନା ନୂଆପାଟଣାସ୍ଥିତ କଳାପାଟ ବଜାରରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରେ ଦାଦା ବଟି ନ ଦେବାରୁ ମଙ୍ଗଳବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଛି। ଏହି ସମୟରେ ଗରମ ତେଲ କଡ଼େଇ ଫୋପାଡ଼ିବାରୁ ଜଣେ ଦୋକାନୀ ଆହତ ହୋଇଛନ୍ତି। ସେ ହେଲେ ଗୋପାଳ ଦାସ। ଖବରଅନୁଯାୟୀ, କଳାପାଟ ବଜାରରେ ଥିବା 'ଚିକେନ ଦୁନିଆ' ଫାଷ୍ଟଫୁଡ୍ ଦୋକାନରେ ଛୋଟୁ ନାମକ ଯୁବକ ଚିକେନ ପକୋଡା ଖାଇଥିଲେ। ଖାଇବା ପରେ ଟଙ୍କା ଦେବା ପରିବର୍ତ୍ତେ ଦଶହରା ପାଇଁ ଗୋପାଳଙ୍କୁ ଦାଦାବଟି ମାଗିଥିଲେ। ଦୋକାନୀ ଦେବାକୁ ମନା କରିବାରୁ ଛୋଟୁ ଫୁଟୁଥିବା ତେଲ କଡେଇ ଉଠାଇ ତାଙ୍କ ଉପରକୁ ଫୋପାଡ଼ି ଦେଇଥିଲେ। ଏଥିରେ ଗୋପାଳଙ୍କ ଗୋଡ ଓ ହାତରେ ଗରମ ତେଲ ପଡିଯିବାରୁ ସେ ଆହତ ହୋଇଛନ୍ତି। ଏ ନେଇ କଳାପାଟ ବଜାର କମିଟି ସଭାପତି ଗଙ୍ଗାଧର ସାହୁ ଟିଗିରିଆ ପୋଲିସକୁ ଫୋନ କରିବାରୁ ପୋଲିସ ଆସି ଅଭିଯୁକ୍ତ ଛୋଟୁଙ୍କୁ ଥାନାକୁ ଉଠାଇ ନେଇ ତଦନ୍ତ କରୁଛି।

### ଆକାଶବାଣୀ କଟକର ପୂର୍ବତନ ବରିଷ୍ଠ କାର୍ଯ୍ୟକ୍ରମ ନିଷ୍ପାଦକଙ୍କ ପରଲୋକ



କଟକ, ୧।୧୦ (କାର୍ତ୍ତିକ ସାହୁ): ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ ବରିଷ୍ଠ କାର୍ଯ୍ୟକ୍ରମ ନିଷ୍ପାଦକ କଟକ ସିଡିଏ ଅଞ୍ଚଳନିବାସୀ ଅଜିତ କୁମାର ଦାଶଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ଏକ ମାତ୍ର କନ୍ୟା ଡକ୍ଟର ଦେବାଶ୍ରିତା ଦାଶ ମୁଖାଗ୍ନି ଦେଇଥିଲେ । ସେ ଜଣେ ଦକ୍ଷ କାର୍ଯ୍ୟକ୍ରମ ସଂଚାଳକ, ପ୍ରଯୋଜକ ଓ ପ୍ରଶାସକ ଭାବେ ପରିଚିତ ଥିଲେ । କୋରାପୁଟର ଦେଶିଆ ନାଟ ଆକାଶବାଣୀରେ ପ୍ରଚାର ପ୍ରସାର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ୧୯୮୨ମସିହାରେ ଆକାଶବାଣୀ ଜୟପୁର କେନ୍ଦ୍ରର ସହକାରୀ ପ୍ରଯୋଜକ ଭାବେ ନିଯୁକ୍ତି ପାଇଥିଲେ। ଦେଶିଆ ଭାଷା ଜାଣିଥିବା ହେତୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରେଡ଼ିଓ କାର୍ଯ୍ୟକ୍ରମ ମାଧ୍ୟମରେ ସେ ଶ୍ରୋତାଙ୍କ ନିକଟତର ହୋଇ ପାରିଥିଲେ । ୧୯୯୭-୨୦୦୦ମସିହା ପର୍ଯ୍ୟନ୍ତ ପୁରୀ ଆକାଶବାଣୀ କେନ୍ଦ୍ରରେ କାର୍ଯ୍ୟ କରିଥିଲେ । ଶ୍ରୀ ମନ୍ଦିରର ନୀତିକ୍ରାନ୍ତି ସମେତ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ସେ ବେଶ୍ ଲୋକପ୍ରିୟ ହୋଇ ପାରିଥିଲେ। ପୁରୀ ରଥଯାତ୍ରାର ଧାରାବିବରଣୀ ପ୍ରସାରଣକୁ ସୁପରିଚାଳନା କରିଥିଲେ । ୨୦୦୦ରୁ ୨୦୦୬ ପର୍ଯ୍ୟନ୍ତ ଆକାଶବାଣୀ କଟକ କେନ୍ଦ୍ରରେ କାର୍ଯ୍ୟ କରିବା ପରେ ପୁନଶ୍ଚ ଆକାଶବାଣୀ ପୁରୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚାକିରୀ ଜୀବନର ଶେଷ ଦଶମାସ କଟକ ଆକାଶବାଣୀରେ କାର୍ଯ୍ୟ କରି ୨୦୧୧ରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ତାଙ୍କ ସ୍ତ୍ରୀ ଡକ୍ଟର ସୁନୀତି ଦେବୀ ଜଣେ ଆଗଧାଡ଼ିର ଗାଳ୍ପିକା ଓ ଗୀତିକାର ଭାବେ ଆକାଶବାଣୀ କଟକ ଓ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରେ ବେଶ ପରିଚିତି ଲାଭ କରିଛନ୍ତି ।

### ଶିକ୍ଷକଙ୍କ ପରଲୋକ



ମଙ୍ଗୁଳି-ଜଗତପୁର, ୧।୧୦(ମାନସ ସାମଲ)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଉଚ୍ଚପଦା ପଞ୍ଚାୟତ କ୍ଷେତ୍ରପାଳ ବାସିନ୍ଦା ଅକ୍ଷୟ କୁମାର ବିଶ୍ୱାଳ(୭୧)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। କିଛିଦିନ ଧରି ରୋଗଗ୍ରସ୍ତ ହୋଇ ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ବିଧାୟକ ପ୍ରଶାନ୍ତ ବେହେରା, ଭାଜପା ଯୁବ ସଙ୍ଗଠକ ହିମାଂଶୁ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ଅମିତାଭ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଯାଜପୁର ଜିଲା ବଡଚଣା ବ୍ଲକ ଉପୁଲାସ୍ଥିତ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅକ୍ଷୟ ୩ ବର୍ଷ ଧରି ଶିକ୍ଷକତା କରିଥିଲେ। ପରେ ସେ ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରିଥିଲେ। ମାଛଚାଷ ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ।

# ଧାରଣାକୁ ନେଇ ଭାଜପା-ବିଜେଡି କର୍ମୀ ମୁହାଁମୁହିଁ

- ଖୁଣ୍ଟୁଣୀ ଥାନା ଆଗରେ ମଜଦୁର ସଂଘର ଧାରଣା
- କାରଖାନା ସମ୍ମୁଖରେ ୧୬୩ ଧାରା ଜାରି
- ଭାଜପା କର୍ମୀ ଆହତ
- ୪ ପ୍ଲାଟୁନ୍ ଫୋର୍ସ ମୁତୟନ
- ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଲେ ଡେପୁଟି କଲେକ୍ଟର



ଭାଜପା -ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି ।

ଖୁଣ୍ଟୁଣୀ, ୧।୧୦(ସଚ୍ଚିଦାନନ୍ଦ ପଣ୍ଡା): କଟକ ଜିଲା ଖୁଣ୍ଟୁଣୀ ଥାନା ସମ୍ମୁଖରେ ମଙ୍ଗଳବାର ଆରତୀ ଷ୍ଟିଲ ମଜଦୁର ସଂଘର ଧାରଣାକୁ ନେଇ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହେବା ସହ ଠେଲାପେଲା ହୋଇଛନ୍ତି। ଏଥିରେ ଭାଜପାର ଜଣେ କର୍ମୀ ଆହତ ହୋଇଛନ୍ତି। ଖବରପାଇ ଜିଲା ଓ ପୋଲିସ ପ୍ରଶାସନ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅଧୀନ ଏକ କାରଖାନା ସମ୍ମୁଖରେ ମଙ୍ଗଳବାର ଆରତୀ ଷ୍ଟିଲ ମଜଦୁର ୟୁନିୟନ ପକ୍ଷରୁ ୧୧ ଦଫା ଦାବି ନେଇ ଧାରଣା ଦେବା ପାଇଁ ପ୍ରସ୍ତୁତି ଚାଲିଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସୋମବାର ରାତିରେ ଉକ୍ତ କାରଖାନା ଚତୁଃପାର୍ଶ୍ୱରେ ଆଠଗଡ଼ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଥିଲା। ଏଥିଯୋଗୁ ଆରତୀ ଷ୍ଟିଲ କାରଖାନା ମଜଦୁର କର୍ମଚାରୀ ସଂଘ ସଦସ୍ୟ ମଙ୍ଗଳବାର ସକାଳେ ଖୁଣ୍ଟୁଣୀ ଥାନା ଆଗରେ ଧାରଣା ଦେଇଥିଲେ। ଏହି ସମୟରେ କେତେଜଣ ଭାଜପା କର୍ମୀ ପହଞ୍ଚି ହାତରେ ଦଳୀୟ ପତାକା ଧରି ନାରାବାଜି ଦେଇଥିଲେ। ହେଲେ ଏହାକୁ ବିଜେଡି କର୍ମୀମାନେ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଦଳର କର୍ମୀ ମୁହାଁମୁହିଁ ହେବା ସହ ଠେଲାପେଲା ହୋଇଥିଲେ। ଏଥିରେ ଭାଜପା କର୍ମୀ ତପନ ପ୍ରଧାନ ଆହତ ହୋଇଛନ୍ତି। ଖବରପାଇ କଟକ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଆଇଆଇସି ରବୀନ୍ଦ୍ରନାଥ ବେହେରା, ଏସ୍‌ଆଇ ବିକାଶ ସେଠୀ ଓ ଶେଷଦେବ ରାଜ ପ୍ରମୁଖ ୪ ପ୍ଲାଟୁନ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ହୋଇଥିବା ତପନ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରାଙ୍କୁ ଧାରଣାରତ ଶ୍ରମିକ କର୍ମଚାରୀମାନେ ୧୧ଦଫା ଦାବିପତ୍ର ଦେଇଥିଲେ। ଦାବି ସମ୍ପର୍କରେ ଆଲୋଚନା ପାଇଁ ଖୁବ୍‌ଶୀଘ୍ର ପ୍ରଶାସନ, କାରଖାନା କର୍ତ୍ତୃପକ୍ଷଙ୍କ ସହିତ କର୍ମଚାରୀ ପ୍ରତିନିଧିଙ୍କୁ ଡକାଯିବ ବୋଲି ଡେପୁଟି କଲେକ୍ଟର ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ସାଢେ ୧୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଜିଲା ସମ୍ପାଦକ ନୃସିଂହ ମହାପାତ୍ର, ନିରାକାର ଲେଙ୍କା, ନୃସିଂହ ସାହୁ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ଅଜିତ ଦାସଙ୍କ ସମେତ ଆଠଗଡ଼ ଅଞ୍ଚଳରୁ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

# ପୃଥକ୍ ଦୁର୍ଘଟଣା: ୨ ମୃତ, ୩ ଗୁରୁତର

ଖୁଣ୍ଟୁଣୀ, ୧।୧୦(ସଚ୍ଚିଦାନନ୍ଦ ପଣ୍ଡା): ଆଠଗଡ଼-କଟକ ରାସ୍ତାର ଖୁଣ୍ଟୁଣୀ ଥାନା ଅଧୀନ ଦ୍ୱାରାବତୀପୁର ନିକଟରେ ଏକ ଟାଟା ଏସିଇ ମଙ୍ଗଳବାର ଅପରାହ୍ଣରେ ଓଲଟି ପଡିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଗଜାଆମ୍ବ ଗ୍ରାମର କାହ୍ନୁଚରଣ ସାହୁ। ଗୁରୁତରମାନଙ୍କୁ ଚିକିତ୍ସା ଲାଗି କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଠଗଡ଼ରୁ ମାର୍ବଲ ନେଇ ଗାଡ଼ିଟି ଆସୁଥିବାବେଳେ ବାଟରେ ମୃତକ ଓ ଆହତ ଲିଫ୍ଟ ମାଗି ଗାଡ଼ିରେ ବସିଥିଲେ। ହଠାତ୍ ଗାଡ଼ିର ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ବସିଥିବା କାହ୍ନୁଚରଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇଥିଲା।

ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ପଞ୍ଚାୟତ ପାଦପଥର ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ମାର୍ଥାପୁର ଗ୍ରାମର ଅନିଲ ବେହେରାଙ୍କ ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଇକ୍‌ରେ ସେମାନେ ବିଲହୁଡା ରାସ୍ତାରେ କାଳୀମାଟି ଦେଇ କୁମାରପୁର ଗ୍ରାମକୁ ଯାଉଥିଲେ। ରାତି ପ୍ରାୟ ସାଢେ ୯ଟାରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଯାଇଥିଲା। ଅନିଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆକାଶବାଣୀ କଟକ ପରିସରରେ ସଫେଇମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ଆକାଶବାଣୀ କଟକ କେନ୍ଦ୍ର ପରିସରରେ ସଫେଇ ମିତ୍ରଙ୍କୁ ଅଧିକାରୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ, ୧।୧୦(କାର୍ତ୍ତିକ ସାହୁ): ଆକାଶବାଣୀ କଟକ କେନ୍ଦ୍ର ପରିସରରେ ସ୍ୱଚ୍ଛତା ହିଁ ସେବା-୩.୦ ପାଳନ ଅବସରରେ ମଙ୍ଗଳବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ସଫେଇ ମିତ୍ରଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହା ସହ ସ୍ୱଚ୍ଛତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଫେଇମିତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଭି.ଏମ୍.ରତ୍ନପ୍ରସାଦ, ପ୍ରଶାସନିକ ଅଧିକାରୀ ହେମନ୍ତ କୁମାର ସ୍ୱାଇଁ, ସ୍ୱଚ୍ଛତା ହିଁ ସେବାର ନୋଡାଲ ଅଫିସର ସଞ୍ଜୁଲତା ନାୟକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଅନୁଷ୍ଠାନ ପରିସରରେ ପର୍ଯ୍ୟାୟକ୍ରମେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ପୁନଃ ସରଜମିନ ତଦନ୍ତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ

**ଜମି ଜବରଦଖଲ ଘଟଣା**

ମଙ୍ଗୁଳି-ଜଗତପୁର, ୧।୧୦(ମାନସ ସାମଲ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର ଯାଜଭୈରବ ମୌଜା ନଂ. ୧୫୫୦ ଅନାବାଦୀ ପ୍ଲଟ୍‌କୁ ଜଣେ ବ୍ୟକ୍ତି ଜାଲିଆତି କରି ନିଜ ନାମରେ କରିନେଇଥିବା ସୂଚନା ଅଧିକାର କର୍ମୀ ମନୋଜ ସାହୁ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉପ ଜିଲାପାଳ ଉକ୍ତ ପ୍ଲଟ୍‌ର ପୁନଃ ସରଜମିନ ତଦନ୍ତ ପାଇଁ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଯାଜଭୈରବ ମୌଜା ୧୫୪୯ ନମ୍ବର ପ୍ଲଟ୍‌ରେ ଜଣେ ମହିଳାଙ୍କ ଜମି ରହିଥିଲା। ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଉକ୍ତ ପ୍ଲଟ୍ ପାଇ ନ ଥିଲେ। ଏନେଇ ସେ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। କୌଣସି କାରଣରୁ ୧୫୪୯ ନମ୍ବର ପ୍ଲଟ୍ ଚିହ୍ନଟରେ ବାଧା ଉପୁଜିଥିଲା। ବ୍ୟକ୍ତି ଜଣଙ୍କ କିଛିଦିନ ଚୁପ୍ ରହିବା ପରେ ୨୦୨୧ରେ ତତ୍କାଳୀନ ତହସିଲଦାରଙ୍କୁ ଧରି ସରକାରୀ ଅନାବାଦୀ ୧୫୫୦ ନମ୍ବର ପ୍ଲଟ୍‌କୁ ନିଜ ନାମରେ ରେକର୍ଡ କରିନେଇଥିଲେ। ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ସବୁତଥ୍ୟ ଆଣିବା ପରେ ମନୋଜ ୨୦୨୩ରେ ଉପ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ। ସମସ୍ତ କାଗଜପତ୍ର ଉପ ଜିଲାପାଳ ଦେଖିବା ପରେ ଏହି ଜାଗା ଉପରେ ଦୁର୍ନୀତି ହୋଇଛି ବୋଲି ହୃଦୟଙ୍ଗମ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ୧୫୫୦ ଓ ୧୫୪୯ ନମ୍ବର ପ୍ଲଟ୍ ସରକାରୀ ଜାଗା। କିନ୍ତୁ ସେ ସମୟରେ ସମ୍ପୃକ୍ତ ବ୍ୟକ୍ତି ଜାଲିଆତି କରି ସରକାରୀ ଜାଗାକୁ କିଭଳି ଭାବେ ନିଜ ନାମରେ କରାଇନେଲେ ତାହାର ତଦନ୍ତ ପାଇଁ ଆର୍‌ଆଇଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ପୋଲିସ କମିଶନର, ଡିସିପିଙ୍କୁ ସମ୍ବର୍ଦ୍ଧନା

କଟକ, ୧।୧୦(ଶିଳ୍ପା ପ୍ରିୟଦର୍ଶିନୀ): ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଏବଂ କଟକ ଡିସିପି ଜଗମୋହନ ମୀନାଙ୍କୁ ଡିସିପିଙ୍କ କାର୍ଯ୍ୟାଳୟଠାରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶାନ୍ତି କମିଟି କର୍ମକର୍ତ୍ତାମାନେ ପୋଲିସ କମିଶନର ଓ ଡିସିପିଙ୍କ ସହ ଚଳିତବର୍ଷର ପୂଜା ସମ୍ପର୍କରେ ଆଲୋଚନା କରିଥିଲେ। ମହାନଗର ଶାନ୍ତି କମିଟିକୁ ପୋଲିସ ପକ୍ଷରୁ ସମସ୍ତ ସହଯୋଗ କରାଯିବା ପାଇଁ ଉଭୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା କମିଟିର ସାଧାରଣ ସମ୍ପାଦକ ଭିକାରି ଦାସ ସୂଚନା ଦେଇଛନ୍ତି। ଏଥିରେ କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା, ଉପସଭାପତି କିଶୋର ବେହେରା, ଦେବାଶିଷ ରାୟ, ଶିବେନ୍ଦ୍ର ହାତୀ ଓ ଦେବେନ୍ଦ୍ର କାହାଳୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ପୋଲିସ କମିଶନର ଓ ଡିସିପିଙ୍କୁ କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଡିସିପିଙ୍କ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପୋଲିସ କମିଶନର ଓ ଡିସିପିଙ୍କ ସହ କମିଟି ପକ୍ଷରୁ ଚଳିତବର୍ଷର ପୂଜା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କମିଟିକୁ ପୋଲିସ ପକ୍ଷରୁ ସମସ୍ତ ସହଯୋଗ କରାଯିବା ନେଇ ଉଭୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ନେଇ କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାହୁ କହିଛନ୍ତି। ଏଥିରେ କମିଟି ସଭାପତି ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ଉପସଭାପତି ଗୌତମ ପରିଡ଼ାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ମଙ୍ଗଳବାର କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

# ବରିଷ୍ଠ ବୁଣାକାରଙ୍କୁ ମିଳିଲା ୬ ମାସର ଭତ୍ତା

**ଏପ୍ରିଲରୁ ବନ୍ଦ ରହିଥିଲା**

ଟିଗିରିଆ, ୧।୧୦(ଜାଫର ଖାଁ) ସାମାଜିକ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ହସ୍ତତନ୍ତ ବୁଣାକାରମାନଙ୍କ ଭରଣପୋଷଣ ନିମନ୍ତେ ମାସିକ ୨୦୦୦ ଟଙ୍କା ଲେଖାଏଁ ଭତ୍ତା ଯୋଗାଇ ଆସୁଥିଲେ। କିନ୍ତୁ ଏହା ଚଳିତ ବର୍ଷ ଏପ୍ରିଲରୁ ବନ୍ଦ ହୋଇ ରହିଥିଲା। ଏନେଇ ବରିଷ୍ଠ ବୁଣାକାରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ବାବଦରେ ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ସେପ୍ଟେମ୍ବର ୨୫ରେ ରାଜ୍ୟର ବିଭିନ୍ନ ପ୍ରାନ୍ତର ବରିଷ୍ଠ ବୁଣାକାରମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଇଥିଲେ। ତୁରନ୍ତ ବକେୟା ୬ ମାସର ଭତ୍ତା ଟଙ୍କା ଯୋଗାଇ ଦେବା ଏବଂ ଏହାକୁ ନିୟମିତ କରିବା ପାଇଁ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ, ଶୋଭନ କୁମାର ସାହୁଙ୍କ ଜରିଆରେ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ଦାବିପତ୍ର ପ୍ରଦାନ କରିଥିଲେ। ମହାସଂଘର ଏହି ଦାବି ଉପରେ ତ୍ୱରିତ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ମାଝି ବୁଣାକାରମାନଙ୍କ ଏହି ଦାବିକୁ ଗ୍ରହଣ କରି ତୁରନ୍ତ ବକେୟା ରାଶି ୧୨ (ବାର ହଜାର) ଟଙ୍କା ଲେଖାଏଁ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଇବା ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଏହି ଅର୍ଥ ମଙ୍ଗଳବାର ବୁଣାକାରଙ୍କ ଜାମା ଖାତାକୁ ଆସିଛି। ଏନେଇ ଓଡ଼ିଶା ବୁଣାକାର ମହାସଂଘ ତରଫରୁ ରାଜ୍ୟ ସଭାପତି ଶ୍ରୀଧର ବେହେରା, ଉପସଭାପତି ଶ୍ରୀକାନ୍ତ ନାୟକ, ସଙ୍ଗଠନ ସମ୍ପାଦକ ବିଜୟ କୁଣ୍ଡୁ, ସାଧାରଣ ସମ୍ପାଦକ ବିଜୟ ମେହେର, ବିଶ୍ୱନାଥ ଦାସ, ସଞ୍ଜୟ କର, ପ୍ରଦୀପ ବର୍ଦ୍ଧନ, ରମେଶ ସିଂହ ପ୍ରମୁଖ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏବଂ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ବରିଷ୍ଠ ବୁଣାକାରଙ୍କ ବକେୟା ଭତ୍ତା ଅର୍ଥ ମିଳିଥିବାରୁ ବୁଣାକାରମାନେ ଖୁସି ବ୍ୟକ୍ତ କରିଛନ୍ତି।

# ୨୦ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମିଳିଲା ସହାୟକ ଉପକରଣ

ଟିଗିରିଆ, ୧।୧୦(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ଟିଗିରିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ବୈଠକ ଏବଂ ସହାୟକ ଉପକରଣ ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ବିଭାଗ ଓ ଆଲିମକୋର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬୦ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଚିହ୍ନଟ କରାଯାଇ ସହାୟକ ଉପରଣ ପ୍ରଦାନ କରାଯାଇଛି। ଆଲିମକୋ ଅଧିକାରୀ ଧନଞ୍ଜୟ ମହାରଣା ଦିବ୍ୟାଙ୍ଗ ପରୀକ୍ଷା କରିଥିବା ବେଳେ ବ୍ଲକ ସହ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେହୁରୀ, ସଂଯୁକ୍ତା ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରେ ସୁରଭି

ବଡମ୍ବା, ସାଲେପୁର୧।୧୦ (ମାୟାଧର ମଲ୍ଲିକ/ ଅରବିନ୍ଦ ଭୂୟାଁ) ବଡ଼ମ୍ବା ବ୍ଲକ ରଗଡ଼ିପଡା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ରାଉତ ସଭାପତିତ୍ୱ କରିଥିଲେ। ଚମ୍ପେଇଦ୍ୱାର ଗଡ଼ଉନୀତ ମଧ୍ୟଇଂଲିଶ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ବଡମ୍ବା ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂହ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଶିଶୁ ସୁରଭି ମହୋତ୍ସବ ବିକଶିତ କରେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ନରସିଂହପୁର ମଣ୍ଡଳର ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଶ୍ରୀନିବାସ ପ୍ରଧାନ, ବଡ଼ମ୍ବା ମଣ୍ଡଳ ସହ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, ସେବାନିବୃତ୍ତ ସହ ଶିକ୍ଷା ଅଧିକାରୀ ନରେନ୍ଦ୍ର ରଥ, ରଗଡ଼ିପଡା ସରପଞ୍ଚଙ୍କ ପ୍ରତିନିଧି କରୁଣାକର ରାଉତ, ସମିତି ସଭ୍ୟ ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ସାଲେପୁର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଖୁଣ୍ଟିଆ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିଗମାନନ୍ଦ କର, ବିପିନ ବିହାରୀ କର, ଅତିରିକ୍ତ ଶିକ୍ଷାଧିକାରୀ ଅଶୋକ କୁମାର ପତି ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ବରିଷ୍ଠ ନାଗରିକ ଦେଶର ସମ୍ପଦ

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**




ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ, ୧।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର) ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାଙ୍କୀ ପ୍ରେସ କ୍ଲବ ବିଦ୍ୟାରତ୍ନ ଭବନଠାରେ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଇନଜୀବୀ ବିରଞ୍ଚି ନାରାୟଣ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଙ୍କୀ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ସିନିୟର ଡିଭିଜନ ସିଭିଲ ଜଜ ସୁଧୀର କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ନାଗରିକମାନେ ଦେଶର ସମ୍ପଦ ବୋଲି କହିଥିଲେ। ସେମାନଙ୍କ ପାଇଁ ଥିବା ଆଇନ ଓ ସାହାଯ୍ୟ ସମ୍ପର୍କରେ ସେ ବରିଷ୍ଠ ନାଗରିକମାନଙ୍କୁ ଅବଗତ କରାଇଥିଲେ। ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସାଧନଜିତ୍ ପଣ୍ଡା ଓ ସହକାରୀ ଜିଲାପାଳ ହୃଷିକେଶ ତ୍ରିପାଠୀ, ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ଆଇନ୍ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ସମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ବାଙ୍କୀର ସାମାଜିକ ଅନୁଷ୍ଠାନ 'ଅସ୍ତିତ୍ୱ' ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହାକୁ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅସ୍ତିତ୍ୱର ସମ୍ପାଦକ ତଥା ସାମାଜିକ କର୍ମୀ ଗୌତମ ମିଶ୍ର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ମର୍ଯ୍ୟାଦା ଦେବା ସମସ୍ତଙ୍କ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ଆଜିକାଲି ଦେଖିବାକୁ ମିଳୁଛି ପିଲାମାନେ ବଡ଼ ହୋଇ ନିଜ ପରିବାର କରିସାରିବା ପରେ ମା'ବାପାଙ୍କ ପ୍ରତି ସେମାନଙ୍କ କର୍ତ୍ତବ୍ୟ ଭୁଲି ଯାଉଛନ୍ତି। ଏହା ଏକ ସାମାଜିକ ବ୍ୟାଧି। ଏନେଇ ଆମେ ମା'ବାପାଙ୍କୁ ସମ୍ମାନ ଦେବା ସହ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ସ୍ନେହ ଶ୍ରଦ୍ଧା କରିବାକୁ ସମସ୍ତେ ଶପଥ ନେବା ବୋଲି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରାୟ, ରାଜ୍ୟ ପର୍ଯ୍ୟଟନ ବିଭାଗର ଟୁରିଷ୍ଟ ଗାଇଡ଼ ଅମିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଅଭିଜ୍ଞତା, ଅନୁଭବର ଅମୂଲ୍ୟ ସମ୍ପଦ ବରିଷ୍ଠ ନାଗରିକ

ଟାଙ୍ଗୀ,୧।୧୦(ରଘୁନାଥ ସାହୁ)



ଆଲୋଚନାଚକ୍ରରେ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର ଏବଂ ସମ୍ବର୍ଦ୍ଧନା ସମାରୋହ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପୂର୍ବତନ ବିଚାରପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ପ୍ରତି ଥାନାରେ ହେଲ୍ପ ଡେସ୍କ ଖୋଲିବା, ରେଲୱେରେ ମିଳୁଥିବା ରିହାତି ପୁନଃ ପ୍ରଚଳନ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ବାଚସ୍ପତି ପାଢ଼ୀ ପ୍ରତିଶ୍ରୁତି ଦେବା ସହ ଆଜିଠାରୁ ଏହି ନାଗରିକ ମଞ୍ଚର ଜଣେ ସଦସ୍ୟା ଭାବେ ଯୋଗଦେଲି ବୋଲି ମନ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତାଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସୁରେନ୍ଦ୍ର ନାଥ ଦାଶ ଯୋଗଦେଇ କହିଥିଲେ, ସମାଜ ତଥା ପରିବାରରେ ବରିଷ୍ଠମାନେ ଅବହେଳିତ ହେଉଛନ୍ତି। ଯଦି ବରିଷ୍ଠମାନେ ସାନମାନଙ୍କୁ ସ୍ନେହ, ଶ୍ରଦ୍ଧା ଓ ସଂସ୍କାର ଦେଇପାରିବେ, ସମାଜରେ ବରିଷ୍ଠ ନାଗରିକମାନେ ସମ୍ମାନର ପାତ୍ର ହୋଇପାରିବେ। ସମ୍ମାନିତ ଅତିଥିଭାବେ ଡା. ମଧୁସୂଦନ ସେନାପତି, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ, ସାମାଜିକ କର୍ମୀ ସୁରେନ୍ଦ୍ର କୁମାର ରାଉତ, ପୂର୍ବତନ ସେନାନୀ ସଂଘ ସମ୍ପାଦକ ଶତ୍ରୁଘ୍ନ

### ବରିଷ୍ଠ ନାଗରିକ ମଞ୍ଚର ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ

ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଜୟ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଉପଦେଷ୍ଟା ରଘୁନାଥ ସାହୁ, ଭାସ୍କର ମଙ୍ଗରାଜ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସର୍ବେଶ୍ୱର ଆଚାର୍ଯ୍ୟ, ଗୋଦାବରୀଶ ସାହୁ, ଗଙ୍ଗା ପାତ୍ର, ପ୍ରଶାନ୍ତ ଶ୍ରୀଚନ୍ଦନ, ଘନଶ୍ୟାମ ମହାନ୍ତି, ବଂଶୀଧର ସେଠୀ, ଭାସ୍କର ପ୍ରଧାନ, ଉପଦେଷ୍ଟା ରମେଶ କୁମାର ବଳବନ୍ତରାୟ, ଅରୁଣ ରଞ୍ଜନ ମହାନ୍ତି, ବ୍ରଜବନ୍ଧୁ କର, ଅମୂଲ୍ୟ ପାତ୍ର, ଲିଙ୍ଗରାଜ ସାହୁ, ପୂର୍ବତନ ସରପଞ୍ଚ ଦଣ୍ଡପାଣି ବେହେରା, ଜନତା କଲେଜ ପୂର୍ବତନ ଅଧକ୍ଷ ବାଳକୃଷ୍ଣ ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଭଗବାନ ଚମ୍ପତି, ହରିପୁରର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ହରିଚନ୍ଦନ, ସମାଜସେବୀ ବିଜୟ ପ୍ରଧାନ, ପାରିଓରଢ଼ ପୂର୍ବତନ ସରପଞ୍ଚ ସୁବାସ ପ୍ରଧାନ, ଗୋପାଳ କୃଷ୍ଣ ଜେନା, ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଭାଗ ନେଇଥିଲେ। ଏହି ଅବସରରେ ଟାଙ୍ଗୀ, ରଣପୁର, ଚିଲିକା ବ୍ଲକ ଅନ୍ତର୍ଗତ ୪୩ ପଞ୍ଚାୟତର ୫୧ଜଣ ସାମାଜିକ କର୍ମୀଙ୍କୁ ବରିଷ୍ଠ ନାଗରିକ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ ଏବଂ ଭାସ୍କର ପ୍ରଧାନଙ୍କୁ ବାଚସ୍ପତି ପାଢ଼ୀ ସମ୍ମାନିତ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସମ୍ପାଦକ ସୂଚନା ଦେଇଥିଲେ। ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଦିଲୀପ ନାଥ, ଉମେଶ ପ୍ରସାଦ ଧଳ, କୃଷ୍ଣଚନ୍ଦ୍ର ପ୍ରଧାନ, ନନ୍ଦ କିଶୋର ସ୍ୱାଇଁଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ବର୍ଷିଲା ଭାଜପା



ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା,୧।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ଅଘୋଷିତ ବିଦ୍ୟୁତ୍ କାଟ୍ ସହ ଲୋ ଭୋଲଟେଜ ଜନିତ ସମସ୍ୟା ମୁଣ୍ଡବ୍ୟଥା ବଢାଇଛି। ଏନେଇ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ ତେଜିବାରେ ଲାଗିଛି। କିଛିଦିନ ହେଲା ସହରରେ କ୍ରମାଗତ ବିଦ୍ୟୁତ୍ କାଟ, ବିଭାଗୀୟ ଅଧିକାରୀଙ୍କ ଅସହଯୋଗ, କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବା ପ୍ରତିବାଦରେ ଭାରତୀୟ ଜନତା ପାର୍ଟି(ଭାଜପା) ଖୋର୍ଦ୍ଧା ନଗର ମଣ୍ଡଳ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ଟିପିସିଓଡିଏଲ କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର ଜେନାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସହର ବଦ୍ୟୁତ୍ କାଟ, ଲୋଭୋଲଟେଜ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ବିନା ନୋଟିସରେ ବାରମ୍ବାର ବିଦ୍ୟୁତ୍‌କାଟକୁ ନେଇ ପ୍ରତିନିଧି ମଣ୍ଡଳୀ ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟୁତ୍ କାଟ ଯୋଗୁ ଶିଶୁ, ଗର୍ଭବତୀ, ବରିଷ୍ଠ ନାଗରିକ, ରୋଗୀ ହଇରାଣ ହେଉଛନ୍ତି।

### ୭ଦିନରେ ସମସ୍ୟା ସମାଧାନ ନ ହେଲେ କାର୍ଯ୍ୟାଳୟ ଘେରାଉ ଚେତାବନୀ

ବିଦ୍ୟୁତ୍ କାଟ ପୂର୍ବରୁ ଉପଭୋକ୍ତାଙ୍କୁ କାହିଁକି ଅବଗତ କରାଯାଉ ନାହିଁ ବୋଲି ମଣ୍ଡଳ ସଭାପତି ଦେବପ୍ରସାଦ ଆଚାର୍ଯ୍ୟ କହିଥିଲେ। ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ହୋତା, କୁନିଲତା ସ୍ୱାଇଁ, ତ୍ରିନାଥ ମହାପାତ୍ର, ଗୁପ୍ତେଶ୍ୱର ରାୟ, ମାନସ ରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ନିର୍ବାହୀ ଅଧିକାରୀ ଜେନା କହିଛନ୍ତି, ସହରକୁ ବିଦ୍ୟୁତ୍ ଯୋଗାଇବା ପାଇଁ ଦୁଇଟି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ମଧ୍ୟରୁ ଗୋଟିଏ ଅଚଳ ରହିଛି। ଫଳରେ ଏଭଳି ସମସ୍ୟା ଉପୁଜୁଛି। ଏହାର ମରାମତି ଚାଲିଛି, ତୁରନ୍ତ ଏହି ସମସ୍ୟାର ସମାଧାନ ହୋଇଯିବ। ଉପଭୋକ୍ତାଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ।

# ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

ବୋଲଗଡ଼,୧।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିତୁକୁଳି ସ୍ଥିତ କଲ୍ୟାଣ ମଣ୍ଡପଠାରେ ପାଞ୍ଚଗଡ଼ ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ନରେନ୍ଦ୍ର ଉଦ୍‌ଘାଟନ କରିଥିବା ବେଳେ ସଂଘ ସଭାପତି କାଳୀଚରଣ ଜୟସିଂହ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶମଞ୍ଚ ସାଧାରଣ ସମ୍ପାଦକ ଲୋକନାଥ ରଥ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର, ଅତିଥିଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂ, ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନେ ଦେଶର ମୂଲ୍ୟବାନ ସମ୍ପଦ ବୋଲି ମତବ୍ୟକ୍ତ କରିଥିଲେ। ସଂଘ ସମ୍ପାଦକ ବୈକୁଣ୍ଠ ମହାରଣା ଅତିଥି ପରିଚୟ,ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିବା ବେଳେ ସେବତୀ ପରିଡ଼ା ସ୍ୱାଗତ ସଙ୍ଗୀତ ପ୍ରସ୍ତୁତ କରିଥିଲେ। ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଦାସଙ୍କ ଗୀତାପାଠ ଏବଂ ଗୀତାଞ୍ଜଳି ମହାପାତ୍ରଙ୍କ ବେଦପାଠ ମଧ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କୁ ପୂଜାପାଠ କରାଯାଇଥିଲା। ଏହାପରେ ଦିବଂଗତ ବସନ୍ତ କୁମାର ଚୌଧୁରୀ ଓ ଭୀମସେନ ବିଶାଳଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସୁମନ୍ତ ଛୋଟରାୟ, ପ୍ରମୋଦ ପ୍ରତାପସିଂ, ଗଙ୍ଗାଧର ଜେନା, ଲଛମନ ପରିଡ଼ା, ମାୟାଧର ମହାପାତ୍ର, ସୁଦର୍ଶନ ସାହୁ ପ୍ରମୁଖ ଆଲୋକପାତ କରିଥିଲେ। ସମସ୍ୟାର ନିରାକରଣ ପାଇଁ ଐକ୍ୟବଧ ହୋଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ସମସ୍ତଅତିଥି ମତ ରଖିଥିଲେ। ଏହି ଅବସରରେ ବିଶେଷ ପ୍ରତିଭା ସମ୍ପନ୍ନ ଶିକ୍ଷାବିତ୍ ଓ ସଙ୍ଗଠକ ସୁମନ୍ତ ଛୋଟରାୟ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ହରିବନ୍ଧୁ ଜେନା, କବି ଜନାବ କହିରୁଦ୍ଦିନ ଖାଁ, ସାମାଜିକ କର୍ମୀ ଶ୍ରିଖର ଖଟେଇ, ପୂର୍ବତନ ଜିଲାପରିଷଦ ସଭ୍ୟ କବୀର ନାୟକ, ଖବରଦାତା ଦେବବ୍ରତ ହୋତା, ଚିକିତ୍ସକ ଓ ସଫଳ ଚାଷୀ ଦାଶରଥି ବେହେରାଙ୍କୁ ସମ୍ବର୍ଦ୍ଧିତ ରାଯାଇଥିଲା। ଅତିଥିମାନଙ୍କୁ ମଧ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବ୍ଲକ ଅଞ୍ଚଳର ୧୯ ପଞ୍ଚାୟତରୁ ପ୍ରାୟ ୩୦୦ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିବା ବେଳେ ପରିଚୟପତ୍ର ପାଇଁ ସମସ୍ତଙ୍କୁ ସଂଘ ପକ୍ଷରୁ ଆବେଦନପତ୍ର ଯୋଗାଇ ଦିଆଯାଇଥିଲା।



ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ ଆନୁକୂଲ୍ୟରେ ପଙ୍ଗାରସିଂହ ଗ୍ରାମରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସହ ସଂକୀର୍ତ୍ତନ ସମାରୋହ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ସ୍ୱାଗତ ସମ୍ବର୍ଦ୍ଧନା, ସଂକୀର୍ତ୍ତନ ସମାରୋହ

ବେଗୁନିଆ,୧।୧୦
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ପଙ୍ଗାରସିଂହ ଗ୍ରାମରେ ସ୍ୱାଗତ ସମ୍ବର୍ଦ୍ଧନା ସହ ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସମ୍ପାଦକ ସୁଦର୍ଶନ ଚମ୍ପତି ସରକାରୀ ଚାକିରିରୁ ଅବସର ନେବା ଅବସରରେ ଆୟୋଜିତ ସମାରୋହରେ ପଙ୍ଗାରସିଂହ ଗାଁ ଦାଣ୍ଡରେ ଧାର୍ମିକ ଚେତନାର ଜାଗରଣ ସୃଷ୍ଟି ହୋଇଥିଲା। ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ସ୍ଥାନୀୟ ପଡାଡିହ ବଜାର ପରିସରରୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ବାହାରି ପଙ୍ଗାରସିଂହ ଦଧିବାମନ ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ପ୍ରଧାନ ଶିକ୍ଷକ ଯୋଗେଶ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସହ ସଂକୀର୍ତ୍ତନ ସମାରୋହ ହୋଇଥିଲା। ଜାତୀୟ ମାନବାଧିକାର କମିଶନ କୋର ସଦସ୍ୟ ମନୋଜ ଜେନା, ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ସଂଯୋଜକ ପ୍ରସନ୍ନ ବିଶୋୟୀ, ସରପଞ୍ଚ ଲାବଣ୍ୟ ଜୟସିଂହ, ଶିକ୍ଷାବିତ୍ ରତିକାନ୍ତ କହଲସିଂ, ଉପେନ୍ଦ୍ର ଦାଶ, ପୀତବାସ ପଟ୍ଟନାୟକଙ୍କ ସମେତ ବରିଷ୍ଠ ନାଗରିକ ବାବୁଲି ଦାସ, ନକୁଳ ଦାସ, ଶ୍ୟାମସୁନ୍ଦର ତ୍ରିପାଠୀ, ଶରତ ଦାସ, ପରିଷଦର କାର୍ଯ୍ୟକାରୀ ସଭାପତି ବିଜନ ମହାନ୍ତି, କୋଷାଧ୍ୟକ୍ଷ ପ୍ରସନ୍ନ ବଡ଼ଜେନା, ଧ୍ରୁବ କଲୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପୁରାତନ ସଂସ୍କୃତି ଓ ପରମ୍ପରା ଏବଂ ଲୋକକଳା ମଧ୍ୟରେ ସତନ୍ତ୍ର ସ୍ଥାନ ହାସଲ କରିଛି ସଂକୀର୍ତ୍ତନ। ଆଧ୍ୟାତ୍ମିକ ଚେତନାକୁ ଖୋରାକ ଯୋଗାଉଥିବା ସଂକୀର୍ତ୍ତନ ମଣ୍ଡଳୀକୁ ଚିହ୍ନଟ କରାଯାଇ ସରକାରଙ୍କ ପକ୍ଷରୁ ଏକ ବ୍ୟବସ୍ଥା କରାଯାଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ସମ୍ପାଦକ ଚମ୍ପତି ତାଙ୍କ ଚାକିରୀରୁ ଅବସର ନେଇ ଆଗକୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ସଦାସର୍ବଦା ସଂକୀର୍ତ୍ତନ ସମାରୋହରେ ପୂର୍ଣ୍ଣକାଳୀନ ସମୟ ଅତିବାହିତ କରିବେ ବୋଲି ସଭାରେ ସ୍ପଷ୍ଟ କରିଛନ୍ତି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ବାହାରିଥିବା ସଚେତନତା ପଦଯାତ୍ରା।

ବାଲୁଗାଁ,୧।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରିନା ରାଉତଙ୍କ ନେତୃତ୍ୱରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମଙ୍ଗଳବାର ଚିଲିକା କୂଳରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସହ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରୁ ବିଭିନ୍ନ ସ୍ଲୋଗାନ ଦେଇ ଚିଲିକାକୂଳ ପରିକ୍ରମା କରି ଚିଲିକାର ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହା ପରେ ମହାବିଦ୍ୟାଳୟ ସଭାଗୃହରେ ଯୁବ ରେଡ୍‌କ୍ରସ ଓ ଏନ୍‌ଏସ୍‌ଏସ୍ ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ଆୟୋଜିତ ରକ୍ତଦାନ ଦିବସ ଅନୁଷ୍ଠିତ ହୋଇଥିଲା। ଡ. ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ରେଡ୍‌କ୍ରସ ପରାମର୍ଶଦାତା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ଧୋବୀ ପରିଡ଼ା, ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ରିନା ରାଉତ, ଡ. ମୋନାଲିସା ମାନସିଂହ ରକ୍ତଦାନର ପ୍ରାସଙ୍ଗିକତା ଓ ସୁଫଳ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ସଚେତନ କରାଇଥିଲେ। ଡ. କୈଳାସ ଚନ୍ଦ୍ର ମହାରଣା ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନିକଟରେ ଏନ୍‌ଏସ୍‌ଏସ୍ ଓ ରେଡ୍‌କ୍ରସ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀ ସୁଶ୍ରୀ କରିଷ୍ମା ବିଶ୍ୱାସ, ସଂଗ୍ରାମ ଦାସ, ନୀଳକଣ୍ଠ ଦାସ, ଶୁଭଙ୍କର ରାଉତ, ରାକେଶ ବେହେରା, ଦୀପକ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ରାଉତଙ୍କ ସଂଯୋଜନାରେ ସ୍ୱଚ୍ଛତା ହିଁ ସେବା ସପ୍ତାହରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ।

# ନିରାକାରପୁର କଲେଜରେ ଭାଷା ସମ୍ମାନ କାର୍ଯ୍ୟକ୍ରମ

ନିରାକାରପୁର,୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଓଡିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ଓ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଅନ୍ତର୍ଗତ ଓଡିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଭାଷା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ଭାଷାବିତ୍ ପ୍ରଫେସର ବାସୁଦେବ ସାହୁଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଭାଷା ସମ୍ମାନରେ ଅତିଥିମାନେ ପ୍ରଫେସର ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାଷା ଓ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଫେସର ସଂଘମିତ୍ରା ମିଶ୍ର, ଅତିଥିଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ, ଓଡ଼ିଆ ଭାଷା ପ୍ରତିଷ୍ଠାନ ସଂଯୋଜକ ଡ.ଫଣୀନ୍ଦ୍ର ଭୂଷଣ ନନ୍ଦ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟକ ଭାବେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ.ସଞ୍ଜୟ କୁମାର ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଡ. ବେଣୁଧର ଦାସ ଯୋଗଦେଇ ଉଦ୍‌ବୋଧନ ଦେଇଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷା ବ୍ରତତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟପକ ଡ.ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ.ସର୍ବେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ.ଭାସ୍କର ଦାସ, ଦମୟନ୍ତୀ ବେହେରା, ସସ୍ମିତା ରାଉତରାୟ, ପ୍ରଭାକର ସେଠୀ, ମାଧବ ମାଝି, ପୂର୍ଣ୍ଣଦର୍ଶନ ସାହୁ ପ୍ରମୁଖ ସମ୍ମାନ ପରିଚାଳନାରେ ସହାୟତା କରିଥିଲେ। ଅଧ୍ୟାପକ ଡ. ପ୍ରଭାତ ଦାଶ, ସୌରଭ ମହାପାତ୍ର, ଚନ୍ଦନ ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

କୃଷ୍ଣପ୍ରସାଦ,୧।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମାଣିକପାଟଣା, ପିରିଜିପୁର, ପଣସପଦା, ଗିଲିନାସୀ ଆଦି ବିଭିନ୍ନ କ୍ଲଷ୍ଟରରେ ଅନୁଷ୍ଠିତ ହୋଇଯାଇଛି। ପଣସପଦା ପଞ୍ଚାୟତ ଅଧୀନ ପଣସପଦା କ୍ଲଷ୍ଟରରେ ଆୟୋଜିତ ଏହି ଉତ୍ସବକୁ ସ୍ଥାନୀୟ ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଧାନଶିକ୍ଷକ ଅଭିରାମ କେଇ, ପ୍ରଧାନଶିକ୍ଷକ ବଳଭଦ୍ର ସାହୁ, ସମାଜସେବୀ ଗଦାଧର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ମେରୁଚରଣ ଦଳାଇ, ସୁଧୀର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସିଆର୍‌ସିସି ଧ୍ରୁବ

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଜନତା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ଦାଶରଥି ଶତପଥୀ ଏବଂ ମାଣିକପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ରମେଶ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗ ନେବା ପାଇଁ ମନୋନୀତ କରାଯାଇଛି। କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ କରେ ସୁରଭି

ଖୋର୍ଦ୍ଧା/ ନିରାକାରପୁର,୧।୧୦
(ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)



ଅତିଥିଙ୍କ ଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ମଣ୍ଡଳ ଅଧୀନ ମୁକ୍ତାପୁର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ବିଙ୍କୁ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୭ଟି ବିଦ୍ୟାଳୟର ୧୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସେଥିରୁ ୪୫ ଜଣ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ହୋଇ ଅତିଥିଙ୍କୁ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପୂର୍ଣ୍ଣମାସି ମହାରଣା ସଂଯୋଜନା କରିଥିଲେ। ବିଙ୍କୁ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଦାମ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବାହ୍ନରେ ଉଦ୍‌ଘାଟନ କରିଥିବା ବେଳେ ଅପରାହ୍ନରେ ଅତିଥିଭାବେ ଟାଙ୍ଗୀ ବ୍ଲକର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଶତପଥୀ, ଦୀନବନ୍ଧୁ ମହାପାତ୍ର,ବିଦ୍ୟୁ ଲତା ଦେବୀ ପ୍ରମୁଖ ଯୋଗଦେଇ ସୁରଭି ପ୍ରାଥମିକସ୍ତରରୁ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ଦିଗରେ ଏକ ବଳିଷ୍ଠ ସହାୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମମତା ବେହେରା, ରଶ୍ମି ମିଶ୍ର, ସୁଜାତା ମହାପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରଣତି ବରାଳ, ପ୍ରତିମା ମହାପାତ୍ର, ବବିତା ଦତ୍ତ, ଅନିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାକୁ ମନୋନୀତ ହୋଇଥିବା ବେଳେ ସେମାନେ କିଭଳି ନିଜର ପ୍ରତିଭା ଆହୁରି ଉନ୍ନତମାନର କରିବେ ସେଥିପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ସିଆର୍‌ସିସି ପୂର୍ଣ୍ଣମାସି ମହାରଣା ନିବେଦନ କରିଥିଲେ।

ସେହିପରି ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ସରକାରୀ ଉଚ୍ଚ ବିଦ୍ୟାଳୟ ଓରବରସିଂହ କ୍ଲଷ୍ଟରସ୍ତରୀୟ ଗୋଳବାଇ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱସ୍ତିଦା ପାଳ ଅତିଥିଙ୍କ ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ଗୋଳବାଇ ସରପଞ୍ଚ ମଧୁସ୍ମିତା ପଲେଇ, ସିଆର୍‌ସିସି ଅମୀୟ କୁମାର ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭୌତିକ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ସୁରଭି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ରୁ ଉର୍ଦ୍ଧ୍ୱ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲଷ୍ଟରସ୍ତରୀୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

